## ବାର୍ହା ମାଂସ ଜବତ, ୩ ଗିରଫ



ସୁକିନ୍ଦା, ୯ା୧(ସମିସ): ବାର୍ହାକୁ ମାରି ମାଂସ ରୋଷେଇ କରୁଥିବା ସମୟରେ ସୁକିନ୍ଦା ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ରୋଷେଇ ମାଂସ ଜବତ କରିବା ସହ ତିନିଜଣଙ୍କୁ ଗିରଫ କରାଯାଇଥିବା ଜଣାପଡିଛି । କାଳିଆପାଣି ଥାନା ଅନ୍ତର୍ଗତ କାଙ୍କଡ଼ପାଳ ପଞ୍ଚାୟତ ଅଧୀନ କରଦାଗାଡିଆ ଝରଣା ସାହିର ଗଙ୍ଗା ସିଙ୍କୁଙ୍କ ପୁଅ ରାନ୍ଦ ସିଙ୍କୁ (୫୫), ରାନ୍ଦ ସିଂଙ୍କୁ ପୁଅ ଗଙ୍ଗା ସିଙ୍କୁ (୨୭) ଓ ସାଦ ଗାଗରାଇଙ୍କ ପୁଅ ଲାକନ୍ ଗାଗରାଇ (୫୦) ଗ୍ରାମ ନିକଟ ଜଙ୍ଗଲରୁ ଏକ ବାର୍ହା ଶିକାର କରିବା ପରେ ମାଂସ ରୋଷେଇ କରୁଥିବା କରୁଥିବା ସୂଚନା ପାଇ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ବାର୍ହା ମାଂସ ଜବତ କରିବା ସହ ଏହି ଘଟଣାରେ ସଂପୃକ୍ତ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

## କଲେଜ ଛାତ୍ରୀଙ୍କଠାରୁ ମୋବାଇଲ ଝାମ୍ପିନେଲେ ଦୁର୍ବୃତ୍ତ

ବିଞ୍ଝାରପୁର, ୯ ।୧(ସମିସ): ବିଞ୍ଝାରପୁର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଲୁଟ୍ ବ୍ୟାପକ ଭାବେ ବୃଦ୍ଧି ପାଇଛି । ଦୁଇ ସପ୍ତାହ ମଧ୍ୟରେ ମଇଁନ୍ଦା, ବିଞ୍ଝାରପୁର ବଜାରରେ



ସୁନା ଦୋକାନୀଙ୍କଠାରୁ ସୁନା ଲୁଟ୍ ପରେ ଏବେ ସିଂହପୁରସ୍ଥ ଖରସ୍ରୋତା ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କଠାରୁ ଦିନ ଦ୍ୱିପହରରେ ସିଂହପୁର ବଜାର ଉପକଣ୍ଠରୁ ମୋବାଇଲ୍ ଲୁଟ୍ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି । ବିଞ୍ଝାରପୁର ଥାନା ଅଧୀନସ୍ଥ ଖରସ୍ରୋତା ମହାବିଦ୍ୟାଳୟର ସ୍ନାତକ ଛାତ୍ରୀ ମନୀଷା ପରିଡ଼ା ମହାବିଦ୍ୟାଳୟରୁ ଘରକୁ ଫେରୁଥିବାବେଳେ ସିଂହପୁର ବଜାରସ୍ଥ ମଦଦୋକାନ ସଲଗ୍ନ ରାସ୍ତାରେ ଜଣେ ଯୁବକ ସ୍କୁଟିରେ ଆସି ତାଙ୍କଠାରୁ ମୋବାଇଲ ଛଡାଇ ଫେରାର ହୋଇଯାଇଥିଲା । ଏ ନେଇ ବିଞ୍ଝାରପୁର ଥାନାରେ ଛାତ୍ରୀ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ଥାନା ଅଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନେ ତୁରନ୍ତ ଲୁଟେରା ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଥିବାବେଳେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ସହିତ ଥାନା ସମ୍ମୁଖରେ ଧାରଣାରେ ବସିବେ ବୋଲି ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି ।

## ଝୁଲନ୍ତା ମୃତଦେହ ଉଦ୍ଧାର

ଜାରକା, ୯ା୧( ସମିସ): ଧର୍ମଶାଳା ଥାନା କ୍ଷେତ୍ରପାଳ ପଞ୍ଚାୟତର ଶ୍ରୀରାମପୁର ଗ୍ରାମ ନିକଟସ୍ଥ ପାଟରେ ଥିବା ଏକ ଗଛରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି । ଆଜି ପୂର୍ବାହ୍ନରେ କେତେକ ମଇଁଷାଳ ମଇଁଷି ଚରାଇବାକୁ ପାଟକୁ ଯାଇଥିବାବେଳେ ସେଠାରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ନେଇ ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଗ୍ରାମବାସୀଙ୍କଠାରୁ ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ତପନ ନାୟକ ପହଞ୍ଚି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିବା ପରେ ମୃତଦେହକୁ ଗଛରୁ ଓହ୍ଲାଇ କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଡାକ୍ତରଖାନାକୁ ପଠାଇଥିଲେ । ତେବେ ଅଦ୍ୟାବଧି ମୃତକଙ୍କ ପରିଚୟ ମିଳି ନ ଥିବାବେଳେ କେଉଁ ସ୍ଥାନରୁ ଆସି ଏଠାରେ ଆତ୍ମହତ୍ୟା କରିଥିବା ପୁଲିସ ଅନୁମାନ କରୁଛି । ଏ ନେଇ ଧର୍ମଶାଳା ଥାନା ପୁଲିସ ୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

## ଜାରକା ଫାଣ୍ଡି ନିକଟରେ ଅଜଣା ବାଇକ୍‌କୁ ନେଇ ସନ୍ଦେହ




ଜାରକା, ୯ା୧(ସମିସ): ଧର୍ମଶାଳା ଥାନା ଅଧୀନ ଜାରକା ବିଟ୍ ହାଉସ ସମ୍ମୁଖରେ ଚାରିଦିନ ଧରି ଏକ ବାଇକ୍ ଥୁଆ ହୋଇଛି । ଏହାକୁ କେହି ନେଉ ନ ଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ୪ ଦିନ ପୂର୍ବେ କେହି ଜଣେ ବ୍ୟକ୍ତି ଓଡି-୧୨ ସି- ୪୨୯୦ ନଂ ବିଶିଷ୍ଟ ବାଇକ୍‌କୁ ବିଟ ହାଉସ ଆଗରେ ରଖି ପଳାଇଯାଇଛି । ବାଇକ୍‌ର ମିରରରେ ହେଲମେଟ୍ ଟଙ୍ଗାଯାଇଥିବା ଦେଖିବାକୁ ମିଳିଛି । ଏହି ବାଇକଟି କଟକ ଜିଲ୍ଲା ସାଲେପୁର ଥାନା କୁଆଁସରପୁର ଗ୍ରାମର ମୁରଲୀଧର ପ୍ରଧାନଙ୍କ ପୁଅ ପ୍ରକାଶ ପ୍ରଧାନ ନାମରେ ରହିଛି । ତେବେ ଉକ୍ତ ବାଇକ୍‌କୁ କିଏ ଓ କାହିଁକି ଏଠାରେ ଥୋଇ ଦେଇ କେଉଁଆଡେ ଗଲା. ତାକୁ ନେଇ ସାଧାରଣରେ ଆଲୋଚନା ହେଉଛି । ଏ ନେଇ ସ୍ଥାନୀୟ ଫାଣ୍ଡି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

### ଅଶୋକଝର ପର୍ଯ୍ୟଟନସ୍ଥଳ

# ବଢୁଛି ଅସାମାଜିକ କାର୍ଯ୍ୟକଳାପ; ପର୍ଯ୍ୟଟକଙ୍କ ମଧ୍ୟରେ ନିରାଶା



ଯାଜପୁର, ୯ ।୧(ସମିସ)

ଯାଜପୁର ଜିଲ୍ଲା ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ଅଶୋକଝର ଅନ୍ୟତମ । ତେବେ କିଛିଦିନ ଧରି ଏହି ପର୍ଯ୍ୟଟନସ୍ଥଳୀ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ଯାହାର ପ୍ରଭାବ ସିଧା ପର୍ଯ୍ୟଟକଙ୍କ ଉପରେ ପଡୁଥିବା ଦେଖିବାକୁ ମିଳିଛି । ଏଠାରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ପର୍ଯ୍ୟଟନ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ଫଳରେ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଉଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ସୁକିନ୍ଦା ବ୍ଲକ୍ ପାହାଡ଼ ପାଦଦେଶରେ ଥିବା ଅଶୋକଝର ପର୍ଯ୍ୟଟନସ୍ଥଳ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । କିନ୍ତୁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ବିଭିନ୍ନ ପ୍ରକାର ଶୋଷଣ ଓ ନିର୍ଯାତନା ଘଟଣା ଯୋଗୁଁ ପର୍ଯ୍ୟଟକ ମହଲରେ ନାନା ଅସନ୍ତୋଷ ଦେଖିବାକୁ ମିଳୁଛି । ନିକଟରେ କେନ୍ଦୁଝରରୁ ଆସିଥିବା ପର୍ଯ୍ୟଟକଙ୍କୁ ଅସଦ୍‌ବ୍ୟବହାର ସହ ଡୁବୁରୀ ଛକରେ ଆକ୍ରମଣ କରାଯାଇଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଥିଲା । ଏପରିକି ପର୍ଯ୍ୟଟକଙ୍କ ଗାଡ଼ିକୁ ଭଙ୍ଗାରୁଜା କରାଯାଇଥିଲା । ଏହି ଗଣ୍ଡଗୋଳ ଘଟଣାରେ ସ୍ଥାନୀୟ ବିଜେପି ଯୁବ ମୋର୍ଚ୍ଚା ନେତାଙ୍କ ସଂପୃକ୍ତି ରହିଥିବା ନେଇ ଏକ ଭିଡିଓ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି । ଅଶୋକଝର ପର୍ଯ୍ୟଟନ ସ୍ଥଳକୁ ଆସୁଥିବା ପର୍ଯ୍ୟଟକଙ୍କ ସହ ସୁକିନ୍ଦା ବ୍ଲକ୍ ପିମ୍ପୁଡିଆରେ ଅନୁଷ୍ଠିତ ହୋଇଥିବା କୁଡୁମି ସମାଜ ସଭା ସାରି ଫେରୁଥିବା କୁଡୁମି ସମାଜ ନେତୃବର୍ଗଙ୍କ ଗାଡ଼ି ସହ ନେତୃବର୍ଗଙ୍କୁ ଆକ୍ରମଣ ହୋଇଥିବା ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି । ସେହିପରି ଏହି ପର୍ଯ୍ୟଟନ ସ୍ଥଳୀରେ ବେଆଇନ ଭାବେ ଚାନ୍ଦା ଆଦାୟ ଓ ପାର୍କିଂ ନାଁରେ ଚାନ୍ଦା ଆଦାୟ କରିବା ଭଳି ଅଭିଯୋଗ ହୋଇଥିଲା । ଦିନକୁ ଦିନ ଏହିଭଳି ଘଟଣା ବଢ଼ିଚାଲୁଥିବାରୁ ଏଠାକୁ ପର୍ଯ୍ୟଟକ ପରିବାର ସହ ଆସିବାକୁ ଇଚ୍ଛା ପ୍ରକାଶ କରୁ ନ ଥିବା ଜଣାପଡିଛି । ସ୍ଥାନୀୟ ପୁଲିସ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

● କଳାମାଟିଆ ମଠରେ ସନାତନ ଧର୍ମ ସମ୍ମିଳନୀ

## ସନାତନ ଧର୍ମର ଉନ୍ନତି ପାଇଁ ଯତ୍ନବାନ ହେବାକୁ ପରାମର୍ଶ



ବରୀ, ୯ା୧(ସମିସ)

ବରୀ ବ୍ଲକ୍ ଅନ୍ତର୍ଗତ କଳାମାଟିଆ ପଞ୍ଚାୟତସ୍ଥ ସର୍ବପ୍ରାଚୀନ ରାଧାକାନ୍ତ ମଠରେ ପବିତ୍ର ଶାମ୍ବ ଦଶମୀ ଓ ମଠାଧିଶ ଶ୍ୟାମସୁନ୍ଦର ଦାସଜୀ ମହାରାଜଙ୍କ ଜନ୍ମୋତ୍ସବ ଉପଲକ୍ଷେ ଏକ ସନାତନ ଧର୍ମ ସମ୍ମିଳନୀ ଓ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଗୋବର୍ଦ୍ଧନ ତ୍ରିପାଠୀ ଶୁଭାରମ୍ଭ କରିଥିଲେ । ପ୍ରଥମେ ବିଭିନ୍ନ ମଠରୁ ଆସିଥିବା ସାଧୁସନ୍ଥ ଓ ପଣ୍ଡିତଙ୍କ ସେବାର୍ଚ୍ଚନା ପରେ ସନାତନ ଧର୍ମ ସମ୍ମିଳନୀ ଆରମ୍ଭ ହୋଇଥିଲା । କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଇନ୍ଦୁପୁର, କୃଷ୍ଣନଗର ଓ ବରୀ ବ୍ଲକ୍‌ର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥ ଓ ପଣ୍ଡିତମାନେ ଅବକ୍ଷୟମୁଖି ସନାତନ ଧର୍ମକୁ ପୁନରୁଦ୍ଧାର ଓ ଉନ୍ନତି କଳ୍ପେ ପ୍ରତ୍ୟେକ ସନାତନୀ ହିନ୍ଦୁ ଯତ୍ନବାନ ହେବା ପରାମର୍ଶ ଦେଇଛନ୍ତି । ଏଥିସହିତ ଗୀତା, ଭାଗବତ, ରାମାୟଣ, ମହାଭାରତ ପ୍ରଭୃତି ଆଧ୍ୟାତ୍ମିକତା ପୁସ୍ତକ ପଢ଼ିବା ସହିତ ଦୈନନ୍ଦିନ ଜୀବନରେ ତାକୁ ପ୍ରୟୋଗ କରିବା ପାଇଁ ସାଧୁସନ୍ଥ ଓ ପଣ୍ଡିତମାନେ ଦିଗଦର୍ଶନ ଦେଇଛନ୍ତି ।

ମଠାଧିସ ଶ୍ୟାମସୁନ୍ଦର ଦାସଜୀ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରବଚକ ପଣ୍ଡିତ ରତିକାନ୍ତ ତ୍ରିପାଠୀ, ଶ୍ରୀକାନ୍ତ ଦାସଜୀ ମହାରାଜ, ରାକେଶ ଦାସ, ଜନ୍ ପଣ୍ଡା, ସସ୍ମିତା ସାମଲ, ସଞ୍ଜୟ ଧଳ, ଜୟରାମ ନାୟକ, ସତ୍ୟଜିତ ଶତପଥୀ, ପ୍ରତାପ ଚନ୍ଦ୍ର ସାହୁ, ଅଞ୍ଜନା ଧଳ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶ୍ରୀମଦ୍ ଭାଗବତ ଆଧ୍ୟାତ୍ମିକ ଚେତନା ସେବା ପରିଷଦର ସମସ୍ତ ସଦସ୍ୟଙ୍କ ସହିତ କୃଷ୍ଣଚନ୍ଦ୍ର ଧଳ ଓ ଆନନ୍ଦ ପରିଡ଼ା ପରିଚାଳନା କରିଥିଲେ । ପରିଷଦର ସଭାପତି ଯୁବ ସମାଜସେବୀ ଡଃ ବିଶ୍ୱନାଥ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତାରେ ଯୁବକଙ୍କ ଉନ୍ମତ୍ତକାଣ୍ଡ

ଜାରକା, ୯ା୧(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା-କାଏମା ରାସ୍ତାର ଅଭୟପୁରଠାରେ ଜଣେ ଅର୍ଦ୍ଧଉଲଗ୍ନ ଯୁବକ ଉନ୍ମତ୍ତକାଣ୍ଡ କାରଣରୁ ରାସ୍ତାରେ ଯାତାୟାତ କରୁଥିବା ମହିଳା ଓ କଲେଜ୍ ଛାତ୍ରୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ଅଭୟପୁର ପଞ୍ଚାୟତର ଜଣେ ଯୁବକ ମାନସିକ ଭାରସାମ୍ୟ ହରାଇଥିବା କାରଣରୁ ସେ ଦିନ ତମାମ ରାସ୍ତା ଓ ବଜାରରେ ବୁଲୁଛି । ଖାଲି ଦେହ ସହ ଅର୍ଦ୍ଧଉଲଗ୍ନ ହୋଇ ରାସ୍ତା ମଝିରେ ଛିଡ଼ା ହୋଇ ଖରାପ ଭାଷାରେ ଗାଳି ଗୁଲଜ କରୁଛି । ଏଥିସହ ରାସ୍ତା ମଝିରେ ମଧ ଶୋଇ ରହୁଛି । ଯଦ୍ଦ୍ୱାରା ଗାଡ଼ି ଚଳାଚଳରେ ବାଧା ସୃଷ୍ଟି ହେବା ସହ ନାନା ପ୍ରକାର ସମସ୍ୟା ସୃଷ୍ଟି ହେଉଛି । ଜାରକାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଥିବାବେଳେ କଲେଜ ଓ କମ୍ପ୍ୟୁଟର କ୍ଲାସ୍ କରିବା ନିମନ୍ତେ ସକାଳୁ ଏହି ରାସ୍ତା ଦେଇ ଅନେକ ଛାତ୍ରଛାତ୍ରୀ ଯାତାୟାତ କରିଥାଆନ୍ତି । ଏହି ଯୁବକ ଜଣକ ଛାତ୍ରୀ ଓ ମହିଳା ଙ୍କୁ ଦେଖି ଉଲଗ୍ନ ଅବସ୍ଥାରେ ଖରାପ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି । ଗୁରୁବାର ପୂର୍ବାହ୍ନରେ କାଏମା ବଜାର ଉପରେ ଏହି ଯୁବକ ଜଣକ ଉଲଗ୍ନ ହୋଇ ଖରାପ ଭାଷାରେ ଗାଳି କରୁଥିବା ଦେଖି ବଜାରର କିଛି ବ୍ୟବସାୟୀ ଯୁବକଙ୍କୁ କାବୁ କରିଥିଲେ । ଫଳରେ ସେ ବଜାର ଛାଡ଼ି ଚାଲିଯାଇଥିଲା । ସ୍ଥାନୀୟ ଗ୍ରାମବାସୀଙ୍କ ସୂଚନା ମୁତାବକ ଉକ୍ତ ଯୁବକ ଜଣକ ଏକ ଘରୋଇ ବସ୍‌ରେ ହେଲ୍‌ପର ଭାବେ କାର୍ଯ୍ୟ କରୁଥିଲେ । କୌଣସି କାରଣରୁ ତାଙ୍କର ମାନସିକ ସ୍ଥିତି ଖରାପ ହେବାରୁ ସେ ଏଭଳି କାଣ୍ଡ କରୁଛନ୍ତି । ଏଭଳି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଯୁଣଭଦ୍ରା କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ପ୍ରୀତିପୁର, ୯ ।୧(ସମିସ): ବିଂଝାରପୁର ବ୍ଲକ୍ ଅଧୀନ ବିତନା ପଞ୍ଚାୟତସ୍ଥ ଯୁଣଭଦ୍ରା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସାଧୁଚରଣ ଜେନାଙ୍କ ସଭାପତିତ୍ୱରେ ସଭାର ଆୟୋଜନ କରାଯାଇଥିଲା । ଅଧ୍ୟାପକ ଜ୍ଞାନରଞ୍ଜନ ଧଳଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପରିଚାଳନା ସମିତିର ପ୍ରାକ୍ତନ ସଭାପତି ଧୀରେନ୍ଦ୍ର କୁମାର ନାଥ ଯୋଗ ଦେଇଥିଲେ । ତାଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । କ୍ରୀଡ଼ା ସଂସଦର ଉପସଭାପତି ଅଧ୍ୟାପକ ପର୍ଶୁରାମ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ ବେଣୁଧର ଓରାମ ଧନ୍ୟବାଦ ଦେଇଥିଲେ ।

## କରଦା ବାପୁଜୀ ବିଦ୍ୟାପୀଠ ଓ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଣିକୋଇଲି, ୯ ।୧ (ସମିସ): କୋରେଇ ବ୍ଲକ୍ ଅନ୍ତର୍ଗତ କରଦା ପଞ୍ଚାୟତର କରଦା ବାପୁଜୀ ଉଚ୍ଚ ବିଦ୍ୟାପୀଠ ଓ ସରକାରୀ ଉପ୍ରା ବିଦ୍ୟାଳୟର ମିଳିତ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବକୁ କୋରେଇ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ୟୁନିଅନ ବ୍ୟାଙ୍କର ଶାଖା ପରିଚାଳକ ରାକେଶ ଦାସ, ସହଶିକ୍ଷାଧିକାରୀ ବିଜୟ ମଲ୍ଲିକ, ସରପଞ୍ଚ ଶ୍ରୀମତୀ ଅନୀମା ମଲ୍ଲିକ, ସମିତିସଭ୍ୟ ପଙ୍କଜିନୀ ସାହୁ, ବାପୁଜୀ ଉଚ୍ଚବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ ଚନ୍ଦ୍ର ସାହୁ, କରଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସବିତା ରଣା ଓ ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ବେହେରା ପ୍ରମୁଖ ଯୋଗଦେଇଥିଲେ । ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତାରେ ସଫଳତା ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ବାପୁଜୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସଦାନନ୍ଦ ପଣ୍ଡା ଓ କରଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ସେକ ଗୋଲାମ, ଜିଲାନୀ, ଗୋବିନ୍ଦ ଚନ୍ଦ୍ର ସାହୁ, ହୃଷିକେଶ ସାହୁ, ନରହରି ପରିଡା, ପଦ୍ମନାଭ ମିଶ୍ର, କମଳାକାନ୍ତ ଜେନା, ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଚୌଧୁରୀ, ଲକ୍ଷ୍ମୀପ୍ରିୟା ସାହୁ, ଜ୍ୟୋତ୍ସ୍ନାରାଣୀ ନାୟକ, ଦୀପ୍ତିରେଖା ବାରିକ ଓ କର୍ମଚାରୀ ଡମ୍ବରୁଧର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଗରିବବନ୍ଧୁ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଦଶରଥପୁର/ମଙ୍ଗଳପୁର, ୯ା୧(ସମିସ): ଦଶରଥୁର ବ୍ଲକ୍ ଦୁଦୁରାଅନ୍ତା ପଞ୍ଚାୟତସ୍ଥ ଗରୀବବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ତିନିଦିନ ଧରି ଅନୁଷ୍ଠିତ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବର ୧୬ଟି ବିଭାଗରେ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଉଦ୍‌ଯାପନୀ ଦିବସର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା ଯୋଗଦେଇ ଶୃଙ୍ଖଳିତ ଜୀବନ ଗଠନରେ କ୍ରୀଡ଼ାର ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ପ୍ରବୋଧ ପାତ୍ରଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅପର୍ଣ୍ଣା ସେଠୀ, ଅବସରପ୍ରାପ୍ତ ଶିକ୍ଷାବିତ୍ ଗୋପବନ୍ଧୁ ତ୍ରିପାଠୀ, ସାଧୁଚରଣ ଷଡ଼ଙ୍ଗୀ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଭାପତି ଶରତ ଚନ୍ଦ୍ର ତ୍ରିପାଠୀ, ପ୍ରାକ୍ତନ ସରପଞ୍ଚ ରଶ୍ମିରଞ୍ଜନ ସେଠୀ, ଯୁବନେତା ଶିଶିର ରାଉତ, ଶୁଭ୍ରଜ୍ୟୋତି କୁଅଁର ପ୍ରମୁଖ ଯୋଗଦାନ କରି କ୍ରୀଡ଼ା ଉତ୍ସବର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅବନୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ାକୁ ଶିକ୍ଷକ ଆଶିଷ ବଳ, ଶ୍ରୀକ୍ଷେତ୍ର ଶଙ୍ଖୁଆ, ଚକ୍ରଧର ନାୟକ, ଦେବେନ୍ଦ୍ର ଦାସ, ପ୍ରସନ୍ନ ରାଉତ, ପ୍ରଜ୍ଞାରଞ୍ଜନ ମହାନ୍ତି, ଶିକ୍ଷୟିତ୍ରୀ ନନ୍ଦିନୀ ଦାସ, ପ୍ରଣତୀ ନାୟକ ଓ ବିଦ୍ୟାଳୟର କର୍ମଚାରୀ ପରିଚାଳନା କରିଥିଲେ ।

## ପୂର୍ବତନ ସରପଞ୍ଚ ପଦ୍ମନାଭ ବାଭିଙ୍କ ଶ୍ରଦ୍ଧାଞ୍ଜଳି ସଭା

କୁଆଖିଆ, ୯ା୧(ସମିସ): ରସୁଲପୁର ବ୍ଲକ୍ ବାହାଦଲାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପଦ୍ମନାଭ ବାଭିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଗରିପୁରସ୍ଥ ବାସଭବନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେପି ନେତା କାହ୍ନୁଚରଣ ଦାଶ, ମୁଖ୍ୟବକ୍ତା ଭାବେ ସମାଜସେବୀ ପ୍ରହଲ୍ଲାଦ ପଣ୍ଡା, ପୂର୍ବତନ ସମିତି ସଭ୍ୟ ବଟକୃଷ୍ଣ ସାହୁ ଯୋଗଦେଇ ସ୍ୱର୍ଗତ ପଦ୍ମନାଭଙ୍କ ସମାଜ ପ୍ରତି ଥିବା ତ୍ୟାଗ ଓ ସମର୍ପିତ ସେବା ମନୋଭାବ ସବୁଦିନ ପାଇଁ ମନେ ରହିବ ବୋଲି ମତବ୍ୟକ୍ତ କରିବା ସହ ତାଙ୍କ ଉଦ୍ଦେଶ୍ୟରେ ସ୍ମୃତି କମିଟି ଗଠନ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଅଭୟ ତ୍ରିପାଠୀ, କୁଳମଣି ନାୟକ, ପ୍ରଦୀପ ସାମଲ, ସାମ୍ବାଦିକ ଅମୂଲ୍ୟ ବରାଳ, କୈଳାସ ମଳିକ, କଳ୍ପତରୁ ପଣ୍ଡା, ଅରୁଣ ସାହୁ, ଆନନ୍ଦ ସାହୁ, ଅର୍ଜୁନ ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରେସ୍ କ୍ଲବ୍‌ର ସମ୍ପାଦକ କାଳନ୍ଦୀ ଚରଣ କଣ୍ଟ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଯୁବ ସଂଗଠକ ପ୍ରଶାନ୍ତ ରାଉତ ପରିଚାଳନା କରିଥିଲେ ।

## ପଞ୍ଚମ ବୃତ୍ତି ପରୀକ୍ଷାରେ ଛାତ୍ରଙ୍କ କୃତିତ୍ୱ

ଦଶରଥପୁର, ୯ା୧(ସମିସ): ଦଶରଥୁର ବ୍ଲକ୍ ବିରଜାପୁର ପଞ୍ଚାୟତ ବିରଜାପୁର ଗ୍ରାମର ନିହାର ରଞ୍ଜନ ରାଉତରାୟ ଓ ସୁଜାତା ରାଉତରାୟଙ୍କ ପୁତ୍ର ସାଇରାଜ୍ ରାଉତରାୟ ପଞ୍ଚମ ମେଧାବୃତ୍ତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି



ଯାଜପୁରନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାଇଁ ଗୌରବ ଆଣିଛନ୍ତି । ସାଇରାଜ ପୂର୍ବରୁ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ତାଙ୍କର ଏହି ସଫଳତା ପାଇଁ ଶିକ୍ଷାନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ କୃତ୍ତିବାସ ରାଉତଙ୍କ ସମେତ ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟା ଶୁଭେଚ୍ଛା ଜଣାଇଛନ୍ତି ।

### ବଉଳାଙ୍ଗ-ଛତ୍ରପଡ଼ା ରାସ୍ତା

# ମରାମତି କାମ ନିମ୍ନମାନର, ୨ ଦିନରେ ଉଠିଲା ପିଚୁ

ଦଶରଥପୁର, ୯ା୧(ସମିସ)

ଗମନାଗମନ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା ଦଶରଥପୁର ବ୍ଲକ୍ ବଉଳାଙ୍ଗ ଛକଠାରୁ କନିକାପଡ଼ା ପଞ୍ଚାୟତ ମଧୁପୁର ଦେଇ ଛତ୍ରପଡ଼ାକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗ ଆସିଛି । ଜିଲ୍ଲା ଆର ଏଣ୍ଡ ବି ବିଭାଗ ଅଧୀନରେ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ନିମ୍ନମାନର କାମ ହେତୁ ମାତ୍ର ୨ ଦିନ ପୂର୍ବେ ନିର୍ମାଣ କରାଯାଇଥିବା ଏହି ରାସ୍ତାରୁ ପିଚୁ ଉଠିଯିବା ସହିତ ଅନେକ ସ୍ଥାନରେ ରାସ୍ତା ଦବିଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ।

ଦୈନିକ ଏହି ରାସ୍ତା ଦେଇ ଶହ ଶହ ଯାନବାହନ ଯାତାୟାତ କରୁଥିବାବେଳେ ଦୀର୍ଘଦିନ ହେବ ରାସ୍ତାର ଅବସ୍ଥା ଶୋଚନୀୟ ସ୍ଥିତିକୁ ଦେଖି ପୂର୍ତ୍ତ ବିଭାଗ ଏହି ରାସ୍ତା ମରାମତି ପାଇଁ ୨୫ ଲକ୍ଷ ଟଙ୍କାରୁ ଅଧିକ ଅନୁଦାନରେ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ ମଧ୍ୟ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ଏହି ରାସ୍ତା କାର୍ଯ୍ୟର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମାତ୍ର ୨ ଦିନ ପୂର୍ବେ ପିଚୁରେ ନିର୍ମିତ ଏହି ରାସ୍ତା ବଉଳାଙ୍ଗ, ମଧୁପୁର ସମେତ ବିଭିନ୍ନ ସ୍ଥାନରେ ପିଚୁ ବାହାରି ମାଟି ଓ ଗୋଡ଼ି ଦିଶୁଥିବା ଦେଖି ସ୍ଥାନୀୟ



ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । କିଛି ଅସନ୍ତୁଷ୍ଟ ସ୍ଥାନୀୟ ବାସିନ୍ଦା ଏ ସମ୍ପର୍କରେ ରାସ୍ତା କାର୍ଯ୍ୟ କରୁଥିବା ଠିକାଦାରଙ୍କ ସୁପରଭାଇଜରଙ୍କୁ ଘେରି ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହିତ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେ ଘଟଣାସ୍ଥଳକୁ ଆସିବାକୁ ଉଚିତ୍ ମଣି ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏଭଳି ନିମ୍ନମାନର ରାସ୍ତା କାମ ବିରୁଦ୍ଧରେ ଜିଲ୍ଲାପାଳ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବାଳକୃଷ୍ଣ ବେରଦଳେଇ
ଅମଲାଭଟ୍ଟା, କେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅଜାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଚ୍ଚ ଚିନ୍ତାଧାରା ଆମ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ, ପୁତ୍ର- ସନ୍ଦୀପ ଦଳେଇ, ଝିଅ- ଉପସିତା ଦଳେଇ, ଜ୍ୱାଇଁ ନବୀନ ସାହୁ
ଆରୁଷି (ନାତୁଣୀ)

## ଆଞ୍ଚଳିକ ପରିବହନ ବିଭାଗର ସଡ଼କ ସୁରକ୍ଷା ମାସ ପାଳନ କାହା ପାଇଁ

# ଜିଲ୍ଲାରେ ୨ ବର୍ଷରେ ୭୭୩ ଦୁର୍ଘଟଣା; ଗଡ଼ିଛି ୪୪୪ ମୁଣ୍ଡ

ବାଲେଶ୍ୱର, ୯ ।୧(ସମିସ):

ସଡ଼କ ଦୁର୍ଘଟଣା କମାଇବା ପାଇଁ ସରକାର ପ୍ରତ୍ୟେକ ବର୍ଷ ସଡ଼କ ସୁରକ୍ଷା ସପ୍ତାହ ଓ ମାସ ପାଳନ କରୁଛନ୍ତି। ଏପରିକି ସଚେତନତା ଶୋଭାଯାତ୍ରା ଠାରୁ ଆରମ୍ଭ କରି ଆଖି ପରୀକ୍ଷା କରିବା ସହ ଜିଲ୍ଲାର ୧୨ଟି ବ୍ଲକରେ ସଚେତନତା ରଥ ମଧ୍ୟ ବୁଲୁଛି। ହେଲେ ଦୁର୍ଘଟଣା କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି। ଯାହାଫଳରେ ଲୋକମାନଙ୍କ ମୂଲ୍ୟବାନ ଜୀବନ ଚାଲିଯାଉଛି। ଗୋଟିଏ ପଟେ ଜିଲ୍ଲାର୧୬ନମ୍ବର ଜାତୀୟ ରାଜପଥ ସିମୁଳିଆ ଠାରୁ ନହରପାଟଣା ଏବଂ ଅନ୍ୟପଟେ ୬୦ନମ୍ବର ଜାତୀୟ ରାଜପଥ ନହରପାଟଣାଠାରୁ ଜଳେଶ୍ୱର ପର୍ଯ୍ୟନ୍ତ ଅଧିକ ସଡ଼କ ଦୁର୍ଘଟଣାମାନ ଘଟୁଛି। ଏହାରି ମଧ୍ୟରେ ଜିଲ୍ଲାରେ ଦୁଇ ବର୍ଷରେ ଗଡ଼ିଲାଣି ୪୪୪ଟି ମୁଣ୍ଡ। ଗୋଟିଏ ପଟେ ଖରାପ ରାସ୍ତା ସାଙ୍ଗକୁ ବେପରୁଆ ଗାଡି ଚାଳନା, ଓଭର ଲୋଡିଂ ଓ ଦ୍ରୁତଗତିକୁ ନେଇ ଏଭଳି ଘଟଣାମାନ ଘଟୁଛି। ଅନ୍ୟପଟେ ଲୋକେ ଏହି ସଡ଼କ ସୁରକ୍ଷା ସପ୍ତାହ ଏକ ଭେଳିକି ବୋଲି କହିଛନ୍ତି। ସୂଚନା ଅନୁସାରେ, ଜାନୁଆରୀ ମାସ୧ ତାରିଖ ଠାରୁ ୩୧ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି ସଡ଼କ ସୁରକ୍ଷା ମାସ। ଏ ନେଇ ସଚେତନତା ଶୋଭାଯାତ୍ରା ସାଙ୍ଗକୁ ରଥ ମଧ୍ୟ ବିଭିନ୍ନ ସ୍ଥାନରେ ବୁଲୁଛି। ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ଆଞ୍ଚଳିକ ପରିବହନ ବିଭାଗ ପର୍ଯ୍ୟନ୍ତ ସମସ୍ତେ ସଡ଼କ ସୁରକ୍ଷାକୁ ନେଇ ସଚେତନ କରାଇବାରେ ଲାଗିଛନ୍ତି। ହେଲେ କିନ୍ତୁ ଦୁର୍ଘଟଣା କମୁନି ବରଂ ବୃଦ୍ଧି ପାଇବାରେ ଲାଗିଛି। ବାଲେଶ୍ୱର ଜିଲ୍ଲାରେ ୨୦୨୩ ଏବଂ ୨୦୨୪ ମସିହାରେ ମୋଟ ୪୪୪ଜଣଙ୍କର ମୁଣ୍ଡ ଗଡ଼ିଛି। ହେଲେ ଏହି ଦୁର୍ଘଟଣା ପଛରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦେଇଥିବା କିଛି ଠିକା ସଂସ୍ଥା ଦ୍ୱାରା ଭଦ୍ରକରୁ ବାଲେଶ୍ୱର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସଠିକ ସମୟରେ ଶେଷ ହେଉ ନାହିଁ। ଯାହାଫଳରେ ରାସ୍ତାରେ ବହୁତ ଡାଇଭର୍ସନ ଦେଖିବାକୁ ମିଳୁଥିବା ବେଳେ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରେ୨୦୨୩ ଏବଂ ୨୦୨୪ମସିହାରେ ମୋଟ ୪୪୪ଜଣ ବ୍ୟକ୍ତିଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇସାରିଲାଣି। ବିଶେଷ କରି ୨୦୨୩ ମସିହା ଜାନୁଆରୀ ମାସ ଠାରୁ ନଭେମ୍ବର ମାସ ପର୍ଯ୍ୟନ୍ତ



> ଦୀର୍ଘବର୍ଷ ଧରି ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ନ ସରିବା ଦୁର୍ଘଟଣାର ମୂଳ କାରଣ

ମୋଟ ୩୮୦ଟି ଦୁର୍ଘଟଣା ଘଟିଥିବା ବେଳେ୨୧୧ଜଣଙ୍କର ମୃତ୍ୟୁ ହୋଇଛି। ଏବଂ୨୪୫ଜଣ ଏଥିରେ ଆହତ ହୋଇଛନ୍ତି। ସେହିପରି ୨୦୨୪ମସିହା ଜାନୁଆରୀ ମାସ ଠାରୁ ନଭେମ୍ବର ମାସ ପର୍ଯ୍ୟନ୍ତ ୩୯୩ଟି ଦୁର୍ଘଟଣା ଘଟିଥିବା ବେଳେ ୨୩୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩୨୮ଜଣ ଆହତ ହୋଇଛନ୍ତି। ୨୦୨୪ମସିହାରେ ମାସିକ ଦୁର୍ଘଟଣା ପାଖାପାଖି ୩୬ଟି ରହୁଥିବା ବେଳେ ମୃତ୍ୟୁସଂଖ୍ୟା ୨୧ଟି ରହୁଛି। ତେବେ୨୦୨୪ମସିହାର ଜାନୁଆରି ମାସରେ ୪୧ଟି ଦୁର୍ଘଟଣାରେ ୨୩ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଫେବୃଆରୀ ମାସରେ ୩୫ଟି ଦୁର୍ଘଟଣାରେ ୧୯ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ମାର୍ଚ୍ଚ ମାସରେ ୪୪ଟି ଦୁର୍ଘଟଣାରେ ୨୪ଜଣଙ୍କର ମୃତ୍ୟୁ ହୋଇଛି। ଏପ୍ରିଲ ମାସରେ ୩୬ଟି ଦୁର୍ଘଟଣାରେ ୨୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ମେ ମାସରେ୨୭ଟି ଦୁର୍ଘଟଣାରେ ୧୯ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ଜୁନ ମାସରେ ୪୦ଟି ଦୁର୍ଘଟଣାରେ୨୬ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜୁଲାଇ ମାସରେ ୪୦ଟି ଦୁର୍ଘଟଣାରେ ୧୮ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଅଗଷ୍ଟମାସରେ୨୫ଟି ଦୁର୍ଘଟଣାରେ୧୪ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ସେପ୍ଟେମ୍ବର ମାସରେ ୩୧ଟି ଦୁର୍ଘଟଣାରେ ୧୯ଜଣଙ୍କର ମୃତ୍ୟୁ ହୋଇଛି।

ସେହିପରି ଅକ୍ଟୋବର ମାସରେ ୩୯ଟି ଦୁର୍ଘଟଣାରେ ୨୪ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ନଭେମ୍ବର ମାସରେ ୪୪ଟି ଦୁର୍ଘଟଣାରେ ୨୫ଜଣଙ୍କର ମୃତ୍ୟୁ ହୋଇଛି। ଯଦି ଏହି ଦୁଇ ବର୍ଷର ତଥ୍ୟକୁ ଆକଳନ କରିବା ତେବେ୨୦୨୪ମସିହାରେ୧୦ପ୍ରତିଶତ ମୃତ୍ୟୁହାର ବୃଦ୍ଧି ପାଇଛି। ଅନ୍ୟପଟେ୨୦୨୪ମସିହାରେ ଓଭର ସ୍ପିଡ, ଓଭରଲୋଡ, ନିଶା ସେବନ କରି ଗାଡି ଚଳାଇବା, ମୋବାଇଲରେ କଥା ହୋଇ ଗାଡି ଚଳାଇବା ଆଦି ବିଭିନ୍ନ କ୍ଷେତ୍ରରେ ୧୨ହଜାର ୭୩୫ଟି ଚାଲାଣ କଟାଯାଇଥିବା ବେଳେ ୨୩୬୩ଜଣଙ୍କର ଲାଇସେନସ ମଧ୍ୟ ରଦ୍ଦ କରାଯାଇଛି। ଅନ୍ୟପଟେ ଜିଲ୍ଲାରେ ଜାତୀୟ ରାଜପଥରେ ମୋଟ ୧୪ଟି ବ୍ଲାକ ସ୍ପଟ ମଧ୍ୟ ରହିଛି। ଯେଉଁଠାରେ କି ଦୁର୍ଘଟଣା ଅଧିକମାତ୍ରାରେ ହୋଇଥାଏ। ଏ ନେଇ ସ୍ଥାନୀୟ ବାସିନ୍ଦା ଦିଲ୍ଲୀପ କୁମାର ପରିଡ଼ାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଜିଲ୍ଲା ପ୍ରଶାସନର ସଡ଼କ ସୁରକ୍ଷା ସଚେତନତା ଏକ ଭେଳିକି। ଯେତେ ଗାଡି ଚେକିଂ ହେଉ କିମ୍ବା ହେଲମେଟ ଚେକିଂ କରାଯାଇ ଫାଇନ ଆଦାୟ କରାଯାଉଛି ତାହାର କିଛି ଲାଭ ନାହିଁ। ଲୋକମାନେ ଯେବେ ସଚେତନ ହେବେ ଦୁର୍ଘଟଣା ଆପେ କମିବ।

ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରିଣୀ ସାବିତ୍ରୀ ହେମ୍ବ୍ରମ କହିଛନ୍ତି ଯେ, ପ୍ରତିବର୍ଷ ଦୁର୍ଘଟଣାକୁ କମାଇବା ପାଇଁ ସଡ଼କ ସୁରକ୍ଷା ସପ୍ତାହ ଅଥବା ମାସ ପାଳନ କରାଯାଉଛି। ଏପରିକି ଲୋକମାନଙ୍କୁ ସଚେତନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ହେଲେ ବି ଲୋକେ ସଚେତନ ହେଉ ନାହାନ୍ତି। ଯାହାଫଳରେ ଲୋକେ ଅଧିକ ସ୍ପିଡରେ ଗାଡି ଚଳାଇବା, ଆବଶ୍ୟକ ଠାରୁ ଅଧିକ ମାତ୍ରାରେ ମାଲ ବୋଝେଇ କରି ନେବା ଭଳି ଦେଖିବାକୁ ମିଳୁଛି। ଏପରିକି ଆଲୋକର ଅଭାବ ହେଉ କିମ୍ବା ରାସ୍ତା ଖରାପ ହେଉ ଏନେଇ ବିଶେଷ ଭବେ ଦୁର୍ଘଟଣାମାନ ଘଟୁଛି। ଅନ୍ୟପଟେ ଭଦ୍ରକ ଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଜାତୀୟ ରାଜପଥ ମରାମତି କରିବା ଦିଗରେ ବହୁବାର ବୈଠକ ହୋଇ ଆଲୋଚନା ହୋଇଛି ହେଲେ ମରାମତି କାର୍ଯ୍ୟ ସରିପାରୁ ନ ଥିବାରୁ ଦୁର୍ଘଟଣାର ଏହା ଅନ୍ୟ ଏକ କାରଣ ହୋଇପାରେ ବୋଲି ମଧ୍ୟ କହିଛନ୍ତି।

## ସ୍ୱାମୀର ଛୁରାମାଡ଼ରେ ସ୍ତ୍ରୀ ଗୁରୁତର



ବାଲେଶ୍ୱର, ୯ ।୧(ସମିସ): ଛାଡ଼ପତ୍ର କାଗଜାତ ଦେବାକୁ ନେଇ ସୋର ଥାନା ଅର୍ନ୍ତଗତ ପୁରୁଷୋତ୍ତମପୁର ଅଞ୍ଚଳର ଭରତ ମଲ୍ଲିକ ତାଙ୍କ ପତ୍ନୀ ଗୀତାଞ୍ଜଳିଙ୍କୁ ବାଲେଶ୍ୱର ଡାକି ଷ୍ଟେସନ ଛକ ନିକଟ ଏକ ଲଜ ପଛପଟେ ଛୁରୀ ମାଡ଼ କରିଛନ୍ତି। ଏଥିରେ ଗୀତାଞ୍ଜଳିଙ୍କ ହାତ, ମୁଣ୍ଡ ଓ କାନରେ ଗଭୀର କ୍ଷତ ଲାଗିଛି। ଅଭିଯୁକ୍ତ ସ୍ୱାମୀ ଘଟଣାସ୍ଥଳରୁ ଫେରାର ହୋଇଥିବାବେଳେ ସ୍ଥାନୀୟ ଲୋକ ଓ ପୁଲିସ ସହାୟତାରେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୧୦ ବର୍ଷ ପୂର୍ବେ ଖନ୍ତାପଡ଼ା ଥାନା ତାଳପଦା ଅଞ୍ଚଳର ଗୀତାଞ୍ଜଳି ଭରତଙ୍କୁ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ଲେଖାଏଁ ପୁଅ ଓ ଝିଅ ରହିଛନ୍ତି। ତେବେ ଭରତ ନିର୍ଯାତନା ଦେବାକୁ ନେଇ ଗୀତାଞ୍ଜଳି ତାଙ୍କଠାରୁ ଛାଡ଼ପତ୍ର ଦାବି କରି କରି ଆବେଦନ କରିଥିଲେ। ଏପରିକି ଏହି ମାମଲା କୋର୍ଟରେ ବିଚାରଧୀନ ରହିଛି। ଉକ୍ତ ମାମଲାରେ ଆଜି କିଛି କାଗଜାତ ଆଣିବାକୁ ନେଇ ଭରତ ଗୀତାଞ୍ଜଳିଙ୍କୁ ଷ୍ଟେସନ ଛକ ନିକଟ ଏକ ଲଜ୍ ପଛପଟକୁ ଡକାଇଥିଲେ। ସେଠାରେ ଭରତ ଏକ ଛୁରୀରେ ଗୀତାଞ୍ଜଳିଙ୍କ ବେକ କାଟିବାକୁ ଉଦ୍ୟମ କରିଥିଲେ। ତେବେ ଛୁରୀ ମାଡ଼ରେ ଗୀତାଞ୍ଜଳିଙ୍କ କାନ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସହଦେବଖୁଣ୍ଟା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଁଚି ମହିଳାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଫାର୍ମ ସଫାସୁତୁରା ରଖିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



ବାଲେଶ୍ୱର, ୯।୧(ସମିସ): ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସଦର, ରେମୁଣା ବ୍ଲକର ଫାର୍ମ ବୁଲି ଯାଞ୍ଚ କରିଛନ୍ତି। ଚାଲିଥିବା ଯୋଜନାଗୁଡିକର କାର୍ଯ୍ୟକାରିତା ସ୍ଥିତିକୁ ସମୀକ୍ଷା କରିବା ପାଇଁ ସଦର, ରେମୁଣା ଏବଂ ବାହାନାଗା ବ୍ଲକରେ ସରକାରୀ ବିହନ ଉତ୍ପାଦନ ଫାର୍ମ, ଉଦ୍ୟାନ କୃଷି ନର୍ସରୀ ଏବଂ ମୃତ୍ତିକା ସଂରକ୍ଷଣ ଫାର୍ମର ଯାଞ୍ଚ କରିଥିଲେ। ଏଥିସହ ଫସଲର ବିବିଧକରଣ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ରେମୁଣା ବ୍ଲକର ବାଲିଆରେ ଥିବା ଉଦ୍ୟାନ କୃଷି ବିଭାଗର ନର୍ସରୀ ଫାର୍ମ ଏବଂ ପଣପଣାରେ ଥିବା ମୃତ୍ତିକା ସଂରକ୍ଷଣ ଫାର୍ମ ବୁଲି ଦେଖିଥିଲେ। ଫାର୍ମକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ଅଧିକ ଚାରା ଉତ୍ପାଦନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ, ରେମୁଣା ଓ ସଦର ଏଏଚଓ, କୃଷି ବିଭାଗର ସିଡିଏଓ, ସ୍କିମ୍ ଅଫିସର ଏବଂ ପିଡି, ୱାଟର୍ ସେଡ୍ ପ୍ରମୁଖ ବିଭାଗୀୟ କର୍ତ୍ତୃପକ୍ଷ ଉପସ୍ଥିତ ରହିଥିଲେ।

## ଅଳିଆଗଦାରେ ମହାପୁରୁଷଙ୍କ ଫଟୋଚିତ୍ର



ବାଲେଶ୍ୱର, ୯ ।୧(ସମିସ): ସେ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଅବଦୁଲ କାଲାମ ହୁଅନ୍ତୁ କିମ୍ବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ହୁଅନ୍ତୁ କିମ୍ବା ଅନ୍ୟାନ୍ୟ ବରପୁତ୍ରଙ୍କ ଜୟନ୍ତୀ ଆସିଲେ ସମସ୍ତେ ଏକାକାର ହୋଇଯାଆନ୍ତି। ଫୁଲମାଳ ସାଙ୍ଗକୁ ଭାଷଣବାଜିରେ ଫାଟିପଡେ ସବୁ ସ୍ଥାନ। କାର୍ଯ୍ୟକ୍ରମ ଶେଷ ହେଲା ପରେ ମହାପୁରୁଷଙ୍କ ଫଟୋଚିତ୍ର ଅଳିଆ ଗଦାରେ ଫୋପାଡ଼ି ଚାଲି ଯାଉଛନ୍ତି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟ ଏକ ପରିତ୍ୟକ୍ତ ସ୍ଥାନରେ ବାଲେଶ୍ୱର ଚାନ୍ଦିପୁରଠାରେ କ୍ଷେପଣାସ୍ତ୍ର ଘାଟି ସ୍ଥାପନ କରିବାର ମୁଖ୍ୟ ତଥା ପ୍ରଖ୍ୟାତ ବୈଜ୍ଞାନିକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଏପିଜେ ଅବଦୁଲ କଲାମଙ୍କ ସମେତ ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ର ସାଙ୍ଗକୁ ଆଉ କିଛି ମହାପୁରୁଷଙ୍କ ଫଟୋଚିତ୍ର ଫିଙ୍ଗି ଦିଆଯାଇଛି। ଏ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ କହିଛନ୍ତି ଯେ, ଯେଉଁମାନେ ଓଡ଼ିଶାର ବା ଭାରତ ବର୍ଷର ଦିବଙ୍ଗତ ମହାପୁରୁଷ ତଥା ବିଭିନ୍ନ ରାଜନେତାଙ୍କ ଫଟୋଚିତ୍ର ବିଭିନ୍ନ ଉତ୍ସବ ଓ ସଭାସମିତିମାନଙ୍କରେ ରାସ୍ତା ପାର୍ଶ୍ୱରେ କିମ୍ବା ସଭାମଣ୍ଡପ ମାନଙ୍କରେ ଲଗାଯାଇଥାଏ। କିନ୍ତୁ ଦୁଖର ବିଷୟ ଆୟୋଜକମାନେ କାର୍ଯ୍ୟକ୍ରମ ଶେଷ କରିବା ପରେ ଉକ୍ତ ଫଟୋଚିତ୍ର ଗୁଡିକୁ ସଂଗ୍ରହ ନକରି ଅଳିଆଗଦାରେ ପକାଇବା ନିନ୍ଦନୀୟ। ଆୟୋଜକମାନେ ମହାପୁରୁଷଙ୍କ ଫଟୋଚିତ୍ର ବ୍ୟବହାର କରିବା ବେଳେ ତାଙ୍କର ସଂରକ୍ଷଣ ପାଇଁ ଉପଯୁକ୍ତ ଧ୍ୟାନ ଦେବା ଉଚିତ।

## ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ



ବାଲେଶ୍ୱର, ୯ ।୧(ସମିସ): ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ଆନୁକୂଲ୍ୟରେ ଆୟୋଜିତ ତିନିଦିନିଆ ୮୦ତମ ଜିଲ୍ଲା ବାର୍ଷିକ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା କ୍ରୀଡା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ସଭାପତିତ୍ୱ କରି ବାଲେଶ୍ୱର ଜିଲ୍ଲାର କ୍ରୀଡାର କିପରି ଉନ୍ନତି ହେବ ସେ ବକ୍ତବ୍ୟ ରଖିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ସ୍ୱର୍ଗତ ଅଧୀପ ଦାସଙ୍କ ଅବର୍ତ୍ତମାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ଉତ୍ତରାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ, ଆଇପିଏସ ପ୍ରୋବେସନର ମନୋଶିଷ ଦାସ, ଡ. ସୁରଜ ଜେନା, ଡ. ଅମର ଜ୍ୟୋତି ଆଚାର୍ଯ୍ୟ, ପ୍ରକାଶ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ କ୍ରୀଡ଼ାସଂଘର ଉପସଭାପତି ଜଗଦିଶ ବେହେରା, ଅମର ମହାନ୍ତ, କୋଷାଧକ୍ଷ ବିଷ୍ଣୁପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ, ବିରେନ୍ଦ୍ର ସ୍ୱାଇଁ, ସଞ୍ଜୟ ଲେଙ୍କା, ନିମାଇ ଚରଣ ରାଉତରାୟ, ଜନ୍ମେଜୟ ଦେ ଓ କ୍ରୀଡାସଂଘର ସଭ୍ୟ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଛାତ୍ରଛାତ୍ରୀଙ୍କୁ କମ୍ବଳ ବଣ୍ଟନ



ବାଲେଶ୍ୱର, ୯ ।୧(ସମିସ): ଭୁବନେଶ୍ୱରର ରୋଟାରୀ କ୍ଲବ ଖାରବେଳ କଳିଙ୍ଗ ନଗର ଓ ଆନନ୍ଦମାର୍ଗ ଶିଶୁ ସଦନ ମିଳିତ ଆନୁକୂଲ୍ୟରେ ବାଲେଶ୍ୱର ସହର ଉପକଣ୍ଠ ଫୁଲାଡିସ୍ଥିତ ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଶାନ୍ତନୁ ପାଣି ମୁଖ୍ୟଅତିଥି, ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଏଜିଏମ ଚକ୍ରଧର ଦାସ, ଆଇଡିବିଆଇ ବ୍ୟାଙ୍କର ଅବସରପ୍ରାପ୍ତ ଏଜିଏମ ବିଶ୍ୱନାଥ ବାନା, ରୋଟାରୀ କ୍ଲବ ଖାରବେଳ କଳିଙ୍ଗ ନଗରର ସଭାପତି ରମେଶ ଚନ୍ଦ୍ର ମହାନ୍ତି ଓ ସମ୍ପାଦକ ବିରଂଚି ନାରାୟଣ ଧଳ, ବାଲେଶ୍ୱର ରୋଟାରୀ କ୍ଲବର ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ବାଲେଶ୍ୱର ଆନନ୍ଦମାର୍ଗ ସଙ୍ଗଠନର ଉପଦେଷ୍ଟା ଡ ଭାସ୍କର ଚନ୍ଦ୍ର ଜେନା ଏଥିରେ ପୌରହିତ୍ୱ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ପ୍ରଦୀପ ଚନ୍ଦ୍ର ଜେନା ଓ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଶା ବିକଳାଙ୍ଗ ମଞ୍ଚ, ବାଲେଶ୍ୱର ଶାଖାର ବୈଠକ

ବାଲେଶ୍ୱର, ୯।୧ (ସମିସ): ଓଡ଼ିଶା ବିକଳାଙ୍ଗ ମଞ୍ଚ ବାଲେଶ୍ୱର ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶା ବିକଳାଙ୍ଗ ମଞ୍ଚର ରାଜ୍ୟ ସମ୍ପାଦକ ଅକ୍ଷୟ କୁମାର ସାହୁଙ୍କ ଉପସ୍ଥିତିରେ ୧୦ଟି ବ୍ଲକର ୪୨ ଜଣ ଭିନ୍ନକ୍ଷମ ଭାଇ ଓ ଭଉଣୀମାନଙ୍କୁ ନେଇ ବୈଠକ ହୋଇଥିଲା। ଜିଲ୍ଲାର ଏକ ଜିଲ୍ଲା କମିଟି ଗଠନ କରାଯାଇଛି। ସର୍ବସମ୍ମତିକ୍ରମେ କ୍ରମେ ଓଡ଼ିଶା ବିକଳାଙ୍ଗ ମଞ୍ଚ ଶାଖା ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ସୁଶାନ୍ତ କୁମାର ପଣ୍ଡା, ଉପସଭାପତି ଗାୟତ୍ରୀ ପାଣି, ସମ୍ପାଦକ ପ୍ରସନ୍ନ କୁମାର ରାଉଳ, ସହ ସଂପାଦକ ସୁକାନ୍ତି କୁମାର ବେଜଙ୍କୁ ମନୋନୀତ କରାଯାଇଛି।

## ରେଳୱେ ଓଭରବ୍ରିଜ ଉପରେ ହେବ ଆଲୋକୀକରଣ

ଜଳେଶ୍ୱର, ୯।୧ (ସମିସ): ଜଳେଶ୍ୱର ବାସୀଙ୍କ ପାଇଁ ଏକ ଖୁସିର ମୁହୂର୍ତ୍ତ ହୋଇଛି। ବହୁ ପ୍ରତିକ୍ଷୀତ ପରେ ନୂଆବଜାର-ବଡ଼ ବଜାର ରେଳୱେ ଓଭରବ୍ରିଜ ଉପରେ ସୌର ଚାଳିତ ଆଲୋକୀକରଣ ପାଇଁ ଗତ ୮ ଜାନୁଆରୀ ୨୦୨୫ ରିଖରେ ଏସି ଇଲେକ୍ଟ୍ରିକାଲ ସର୍କଲ (ଆରଏଣ୍ଡବି) ଦ୍ୱାରା ଟେଣ୍ଡର ଆହ୍ୱାନ କରାଯାଇଛି। ଏହି ସୋଲାର ଷ୍ଟ୍ରିଟ ଲାଇଟର ଅଟକଳ ମୂଲ୍ୟ ପାଖାପାଖି ହେଉଛି ୧ କୋଟି ୩୩ ଲକ୍ଷ ୨୧ ହଜାର ଟଙ୍କା। ଦୀର୍ଘ ଦିନ ଧରି ଜଳେଶ୍ୱରବାସୀ ତଥା ବରିଷ୍ଠ ନାଗରିକ ମଞ୍ଚ ଏହି ଆଲୋକୀ କରଣ ପାଇଁ ଦାବି କରି ଆସୁଥିଲେ। ଗତ ଦୁର୍ଗାପୂଜା ସମୟରେ ନଗରପାଳ ପ୍ରତୀପ କୁମାର ପ୍ରଧାନଙ୍କ ପ୍ରଚେଷ୍ଟାରେ ଜଳେଶ୍ୱର ପୌରପାଳିକା ତରଫରୁ ଅସ୍ଥାୟୀ ଅଲୋକୀକରଣ ଏକ ମାସ ପାଇଁ କରାଯାଇଥିଲା। ଏହାର ସ୍ଥାୟୀ ପ୍ରତିକାର ପାଇଁ ନଗରପାଳ ଶ୍ରୀ ପ୍ରଧାନ ନିଜେ ବ୍ୟକ୍ତିଗତ ଭାବେ ଚେଷ୍ଟା କରିବା ସହ ଜଳେଶ୍ୱରର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ନଜରକୁ ଆଣିଥିଲେ। ବିଧାୟକ ଶ୍ରୀ ପାତ୍ର ଏବଂ ନଗରପାଳ ଶ୍ରୀ ପ୍ରଧାନଙ୍କ ଚେଷ୍ଟାର ଫଳ ସ୍ୱରୂପ ଏହି ଟେଣ୍ଡର ଆହ୍ୱାନ କରା ଯାଇଛି। ଆସନ୍ତା ୩୧ ଜାନୁଆରି ୨୦୨୫ ରେ ଏହି ଟେଣ୍ଡର ଖୋଲା ଯିବା ପରେ ଫେବୃଆରୀ ମାସ ଶେଷ ସୁଦ୍ଧା ଆଲୋକୀକରଣ ହେବ ବୋଲି ଆଶା କରାଯାଉଛି।

## ବାଲେଶ୍ୱର ଝିଅ ଆରାଧନାଙ୍କ ସଫଳତା

ବାଲେଶ୍ୱର, ୯ ।୧(ସମିସ): ଚଳିତ ବର୍ଷ ଏମବିବିଏସ ଫାଇନାଲ ପରୀକ୍ଷାରେ ଆରାଧନା ମନସ୍ୱିନୀ ସ୍ୱର୍ଣ୍ଣ ପଦକ ପାଇ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଚାନ୍ଦିପୁର ଶ୍ରୀକେଣା ଗ୍ରାମର ରାଧାକାନ୍ତ ରାଉଳ ଏବଂ ରେଣୁବାଳାଙ୍କର ଏକମାତ୍ର ସନ୍ତାନ ଅଟନ୍ତି। ସେ ଯୁକ୍ତ ଦୁଇ ପଢୁଥିବା ବେଳେ ନିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଏମବିବିଏସ ପଢ଼ିବା ପାଇଁ ମନୋନିତ ହୋଇଥିଲେ। ସେ ସଫଳତାର ସହ ଚାରି ବର୍ଷ ସେଠାରେ ପଢ଼ିବା ପରେ ଚଳିତ ବର୍ଷ ତାଙ୍କର ଶେଷ ପରୀକ୍ଷା ଥିଲା। ଏଥିରେ ସେ ସ୍ୱର୍ଣ୍ଣ ପଦକ ପାଇ କୃତିତ୍ୱ ହାସଲ କରିଛନ୍ତି। ସେ ଏମ୍‌ସରେ ପଢୁଥିବା ବେଳେ କିଛିଦିନ ପୂର୍ବରୁ ଗ୍ରାମ୍ୟ ମହିଳା ମାନଙ୍କ ସ୍ୱାସ୍ଥ୍ୟ ସେବା ଉପରେ ଗବେଷଣା କରି ଏକ ଥେସିସ ମଧ୍ୟ ଲେଖିଛନ୍ତି। ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ ଦ୍ୱାରା ମଧ୍ୟ ପୁରସ୍କୃତ ହୋଇଛନ୍ତି।

## କମଳାକାନ୍ତଙ୍କ ଉପରେ ଦୁଃଖର ପାହାଡ଼

# ଦୁର୍ଘଟଣାରେ ଗୋଡ଼ ହରାଇଛନ୍ତି; ଏବେ ଦୁଇଟି କିଡ୍‌ନୀ ନଷ୍ଟ

ବାଲେଶ୍ୱର, ୯।୧(ସମିସ):

ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଗୋଟିଏ ଗୋଡ ହରାଇଥିଲେ। ଫଳରେ ତାଙ୍କୁ ଚାକିରି ବି ହରାଇବାକୁ ପଡ଼ିଥିଲା। ମାତ୍ର ଏଥିରେ ବି ତାଙ୍କ ଦୁଃଖ ସରିନଥିଲା। କିଛି ଦିନ ପରେ ତାଙ୍କର ଦୁଇଟି କିଡନୀ ନଷ୍ଟ ହୋଇଯାଇଛି ବୋଲି ଡାକ୍ତର କହିବା ପରେ ଚିନ୍ତାରେ ଅଛନ୍ତି ପରିବାର ଲୋକେ। ବୋଝ ଉପରେ ନଳିତା ବିଡା ପରି କଷ୍ଟ ପରେ କଷ୍ଟକୁ ସାମ୍ନା କରୁଛନ୍ତି ଜଣେ ଯୁବକ। ବର୍ତ୍ତମାନ ତାଙ୍କ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ପାଇଁ ଅର୍ଥ ସାଜିଛି ବାଧକ। ସେଥିପାଇଁ ସମସ୍ତଙ୍କୁ କିଛି କିଛି ସହଯୋଗ ପାଇଁ ଅନୁରୋଧ କହିଛନ୍ତି ରେମୁଣା ବ୍ଲକ ବଡପାଳ ପଞ୍ଚାୟତର କମଳାକାନ୍ତ ବେହେରା (୩୨)। ସୂଚନାଯୋଗ୍ୟ ନୀଳମଣି ବେହେରାଙ୍କ ଦୁଇ ପୁଅ। ଉଭୟଙ୍କ ଉପରେ ପରିବାର ଚଳାଇବାର ବୋଝ। ବଡ଼ ପୁଅ ଅଟୋ ଚଳାଉଥିବା ବେଳେ ସାନ ପୁଅ କମଳାକାନ୍ତ ମଧ୍ୟ ଚାକିରି କରୁଥିଲେ। ୨୦୨୨

> ଅର୍ଥର ଅଭାବ, ସହଯୋଗ ଲୋଡିଲେ କମଳାକାନ୍ତ

ମାସ ଏପ୍ରିଲରେ କମଳାକାନ୍ତ ଚାକିରିକୁ ଯିବା ସମୟରେ ଫୁଲାଡି ଛକ ନିକଟରେ ସଡକ ଦୁର୍ଘଟଣାର ଶିକାର ହୋଇ ଡାହାଣ ଗୋଡ଼ ହରାଇଛନ୍ତି। ବିଏସକେୱାଇ କାର୍ଡରେ ଚିକିତ୍ସା ହୋଇଥିଲେ। ଏହାବାଦ ଚିକିତ୍ସା ହୋଇ ପ୍ରାୟ ଦେଢ ବର୍ଷ ଘରେ ରହିଥିଲେ। ପରେ ତାଙ୍କର ଦେହ ଅସୁସ୍ଥ ହେଲା। ଡାକ୍ତରଙ୍କୁ ଦେଖାଇବା ପରେ ଜାଣିବାକୁ ପାଇଲେ ଯେ ତାଙ୍କର ଦୁଇଟି କିଡନୀ ନଷ୍ଟ ହୋଇଯାଇଛି। ଏଥିସହ ଯଥାଶୀଘ୍ର ଏହାର ଟ୍ରାନ୍ସପ୍ଲାଣ୍ଟ କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ମାତ୍ର ଟ୍ରାନ୍ସପ୍ଲାଣ୍ଟ କରିବା ପାଇଁ ତାଙ୍କ ପରିବାର ପାଖରେ ଅର୍ଥ ନାହିଁ। ସେତେବେଳେ ବହୁ ଅନୁଷ୍ଠାନ ପକ୍ଷରୁ ସହଯୋଗ ମିଳିଥିଲା। ଆମେ ପ୍ରଚେଷ୍ଟା କରି କୃତ୍ରିମ ଗୋଡ ଲଗାଇଥିଲୁ। ଫଳରେ କିଛି ଦିନ ସେ ଭଲରେ ଚଲାବୁଲା କରିପାରୁଥିଲେ। ମାତ୍ର ପରେ ତାଙ୍କର ପେଟ ଯନ୍ତ୍ରଣା ହେବାରୁ ପରୀକ୍ଷା ରିପୋର୍ଟରୁ ଜଣାପଡ଼ିଲା ଦୁଇଟି କିଡନୀର ଅବସ୍ଥା ଠିକ୍ ନାହିଁ। ତେଣୁ



ଆଗକୁ ବଞ୍ଚିବା ପାଇଁ କମଳାକାନ୍ତଙ୍କୁ ଏକ କିଡନୀର ଆବଶ୍ୟକତା ଅଛି। ଏଥିସହ ବହୁତ ଅର୍ଥରାଶିର ଆବଶ୍ୟକତା ରହିଛି। ତେଣୁ ଆପଣମାନଙ୍କ ଗୋଟେ ଗୋଟେ ସହଯୋଗ କମଳାକାନ୍ତଙ୍କ ମୁହଁରେ ହସ ଫୁଟାଇ ପାରିବ। ସହଯୋଗ କରିବାକୁ

> ଯଥାଶୀଘ୍ର ଟ୍ରାନ୍ସପ୍ଲାଣ୍ଟ ପାଇଁ ଡାକ୍ତରଙ୍କ ପରାମର୍ଶ

ଚାହୁଁଥିବା ବ୍ୟକ୍ତି ୮୪୫୬୯୩୮୭୮୩ ଏହି ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ବଡପାଳ ପଞ୍ଚାୟତର ସରପଞ୍ଚ କମଳଲୋଚନ ପଣ୍ଡା କହିଛନ୍ତି। 'ଅତ୍ୟନ୍ତ ଗରିବ ପରିବାରରେ ମୋର ଜନ୍ମ। ଏହି ଦୁର୍ଘଟଣା ପାଇଁ ମୋ ଜୀବନ ବଦଳି ଯାଇଛି। ମୁଁ ବଞ୍ଚିବାକୁ ଚାହୁଁଛି। ଦୁର୍ଘଟଣା ପରେ ମୋ ପଛରେ ପ୍ରାୟ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଥିଲା। ତାପରେ ମୁଁ ସୁସ୍ଥ ହୋଇ ଘରକୁ ଫେରିଥିଲି। ମାତ୍ର କିଛି କାମ କରିବା ପାଇଁ ମୁଁ ସକ୍ଷମ ହୋଇନଥିଲି ଏବଂ ବର୍ତ୍ତମାନ ସୁଦ୍ଧା ମଧ୍ୟ ହୋଇନାହିଁ। ଏବେ ମୋର ଦୁଇଟି କିଡନୀ ନଷ୍ଟ ହୋଇଯାଇଛି। ଯଥା ଶୀଘ୍ର ଟ୍ରାନ୍ସପ୍ଲାଣ୍ଟ ପାଇଁ ଡାକ୍ତର କହିଛନ୍ତି। ବର୍ତ୍ତମାନ ଲୋକମାନେ ଯେମିତି ସାହାଯ୍ୟ କରୁଛନ୍ତି ସେହି ଅନୁସାରେ ମୋର ମେଡିସିନ ଖର୍ଚ୍ଚ ଚାଲିଛି। ତେଣୁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ମୋତେ ସହଯୋଗ କରିଲେ ମୁଁ ଏକ ନୂଆ ଜୀବନ ପାଇ ପାରିବି ବୋଲି କମଳାକାନ୍ତ କହିଛନ୍ତି।

## ଭଦ୍ରକ ସାଂସ୍କୃତିକ ମହୋତ୍ସବର ୬ଷ୍ଠ ସନ୍ଧ୍ୟା

# ଭଦ୍ରକ ମାଟି ସଂସ୍କୃତି କ୍ଷେତ୍ରରେ ଊର୍ଦ୍ଧ୍ୱରେ

ଭଦ୍ରକ, ୯।୧(ସମିସ)




ଭାରତୀୟମାନଙ୍କ ଦେଶ ଗଠନର ଐତିହ୍ୟ ପରମ୍ପରା, ପ୍ରବାସୀ ଭାରତୀୟମାନଙ୍କର ଜନ୍ମମାଟି ପ୍ରତି ପ୍ରତିବଦ୍ଧତା ଓ ଯୁବ ପ୍ରବାସୀମାନେ ଯେପରି ଆମର ଶକ୍ତି ଓ ପ୍ରେରଣାର ଉତ୍ସ। ଶିକ୍ଷା କ୍ଷେତ୍ରରେ ଯୁବ ଗୋଷ୍ଠୀଙ୍କର ବଳିଷ୍ଠ ଅବଦାନ ସଫଳ ହୋଇଥିବା ବେଳେ ବିକଶିତ ଭାରତ ନିର୍ମାଣରେ ଓଡିଶାର ଯେପରି ପ୍ରମୁଖ ଭୂମିକା ରହିଛି ସେହିପରି ଭଦ୍ରକ ମାଟି ସାଂସ୍କୃତିକ ମହୋତ୍ସବ ଓ ସଂସ୍କୃତି କ୍ଷେତ୍ରରେ ରାଜ୍ୟରେ ଶୀର୍ଷରେ ରହିଛି ବୋଲି ସ୍ଥାନୀୟ ମଠସାହି ଗୋପାଳଜୀଉ ମଠ ପଡିଆ ଠାରେ ଆୟୋଜିତ ଭଦ୍ରକ ସାଂସ୍କୃତିକ ମହୋତ୍ସବ ର ଷଷ୍ଠ ସନ୍ଧ୍ୟାରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବ କମିଟି ସଭାପତି ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଏଏସ୍‌ପି (ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ ମୁଖ୍ୟବକ୍ତା ଭାବେ ଡା.ହରେକୃଷ୍ଣ ନାୟକ, ସମ୍ମାନିତ ଅତିଥିଭାବେ ନାରୀ ନେତ୍ରୀ କଳ୍ପନା ଜେନା ଯୋଗ ଦେଇଥିଲେ। ଉପସଭାପତି ମନୋରମା ରାୟ, ଅଞ୍ଜନା ମିଶ୍ର, ସୁପ୍ରଭା ପାଣି, ତେଜସ୍ୱିନୀ ଦାସ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର କୋଷାଧକ୍ଷ ପ୍ରିୟଦର୍ଶନ ବୋଇତି, ଜଗବନ୍ଧୁ ବେହେରା, ଅତିଶ ଦାସ, ପ୍ରଭାତ ଦାସ, ମଳୟ ପରିଡ଼ା, ରମେଶ ପାଗଳ, ଆବାହକ ଅବିନାଶ ପଣ୍ଡା, ଅଜୟ ପଣ୍ଡା,ରାଜେଶ ଦାସ, କମଳଲୋଚନ ପଣ୍ଡା, ଶୁଭଦିପ ମଲ୍ଲିକ, ବିଜୟ କୁଅଁର, ଶୁଭ୍ରକାନ୍ତ ରାଉତ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ପ୍ରଖ୍ୟାତ ଗାୟକ ପ୍ରଭୁପାଦଙ୍କ ସଂଗୀତ ଓ ନୃତ୍ୟ ରେ ଦର୍ଶକ ବିଭୋର ହୋଇଥଲେ ପ୍ରଭୁପାଦ ମେଲୋଡି ପରିବେଷଣ କରାଯାଇଥିଲା। ଶେଷରେ ସୀତାକାନ୍ତ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରବାସୀ ଭାରତୀୟ ଦିବସ ପାଳିତ



**ଭଦ୍ରକ/ଦୋବଲ, ୯ ।୧(ସମିସ):** ଭଦ୍ରକ ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ୧୮ ତମ ପ୍ରବାସୀ ଭାରତୀୟ ଦିବସ ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ପ୍ରମୋଦ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ନିତ୍ୟାନନ୍ଦ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଡ.କୃପାସିନ୍ଧୁ ନାୟକ, ମୁଖ୍ୟବକ୍ତା ଚିତ୍ତରଞ୍ଜନ ଦାସ ଓ ସମ୍ମାନିତ ଅତିଥି ଅକ୍ଷୟ ପାଣିଗ୍ରାହୀ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ପ୍ରଭାତୀ ନାୟକ, ମଞ୍ଜୁଲତା ମହାପାତ୍ର, ମଧୁସୂଦନ ତ୍ରିପାଠୀ, ରଘୁନାଥ ନାୟକ ଓ ଗୌରାଙ୍ଗ ଦାସ ପ୍ରମୁଖ ତାଙ୍କର ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାମାନ କରାଯାଇ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଅଧ୍ୟାପକ ଶୁକଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଧାମନଗର ମହାବିଦ୍ୟାଳୟ ପରିସରରେ ଚଳିତ ବର୍ଷର ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସମାଜସେବୀ ଅଭିଜିତ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ. ମନୋଜ କର, ପ୍ରମୁଖ ସଦସ୍ୟ ଅଧ୍ୟାପକ ଡ. ଦେବାଶିଷ ମଲ୍ଲିକ, ଅଧ୍ୟାପକ ସଞ୍ଜୟ ପଣ୍ଡା, ବାସ୍ତବିକା ଦାଶ, ସୁଶ୍ରୀ ସଂଗୀତା ନାୟକ, ସାଜିଆ ତମକୀନ, ଶ୍ୱେତା ସାମିନି ପ୍ରମୁଖ ଯୋଗଦେଇଥବଲେ। ଏଥିରେ ଓଡ଼ିଆ ପ୍ରବନ୍ଧ, ରଙ୍ଗୋଲି, ଓଡ଼ିଆ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଆଦି ବିବିଧ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇସାରିଥିଲା ବେଳେ ଆସନ୍ତା ଶୁକ୍ରବାର ଉଦଯାପନ ଉତ୍ସବ ଅନୁଷ୍ଠିତ ହେବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ପ୍ରାଧ୍ୟାପକ ପ୍ରଦୀପ ରାୟ, ସନ୍ଦୀପ ଘୋଷ, ସରୋଜ ପଣ୍ଡା, ସ୍ମରଣୀକା ପ୍ରଧାନ, ଡ. ପ୍ରଶାନ୍ତ ପରିଡ଼ା, ଆଶୀର୍ବାଦ ମହାନ୍ତି, ସତ୍ୟନ ଜେନା, କଲ୍ୟାଣୀ ଦାଶ, ଜିଜ୍ଞାସୁ ଦାଶ, ସରୋଜ ରଞ୍ଜନ ନନ୍ଦ, ଦିଲ୍ଲୀପ ମଲ୍ଲିକ, ଇତିଶ୍ରୀ ବାରିକ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ। ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ। ଶେଷରେ ଏହି କାର୍ଯ୍ୟକ୍ରମର ଅନ୍ୟତମ ସଦସ୍ୟ ଅଧ୍ୟାପକ ଚିନ୍ମୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷା କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା

**ବାରିକପୁର/ଭଣ୍ଡାରିପୋଖରୀ, ୯ ।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଉଚ୍ଚ ବିଦ୍ୟାଳୟର ଶିକ୍ଷା କର୍ମଚାରୀ ଧରଣୀଧର ଦାସଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।ପ୍ରଧାନ ଶିକ୍ଷକ ଗୌତମ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରିତିକାନ୍ତ ରାଉତ, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ କ୍ରୀଡା ଶିକ୍ଷକ ନବକିଶୋର ପରିଡ଼ା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ତଥା



ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉତ୍କଳକେଶରୀ ମହାନ୍ତି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା, ନୃସିଂହ ଚରଣ ସାମଲ,ପ୍ରଭଞ୍ଜନ ସାହୁ, ବଟକୃଷ୍ଣ ରାଉତ, ଘନଶ୍ୟାମ ପରିଡ଼ା,ଯଦୁମଣିଦାସ,ନୀଳମଣି ନାୟକ, ନୃସିଂହ ଚରଣ ଜେନା,ରାମଚନ୍ଦ୍ର ମହାନ୍ତି,ଅନନ୍ତ ଚରଣ ନାୟକ, ଅଶୋକ ଜେନା, ପ୍ରଦିପ ମହାନ୍ତି, ପ୍ରତ୍ୟୁଷ ସାମଲ, ଜଗନ୍ନାଥ ମହାନ୍ତି, ବାବାଜୀ ଚରଣ ମଲିକ, ଦିଲିପ ଓଝ ପ୍ରମୁଖ ଯୋଗଦେଇ ଶିକ୍ଷା କର୍ମୀଙ୍କ କର୍ତବ୍ୟ ନିଷ୍ଠା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶ୍ରୀ ଦାସଙ୍କୁ ଅତିଥି ମାନେ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଶିକ୍ଷୟତ୍ରୀ ନଳୋପୂଳା ମହାନ୍ତି ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ଶ୍ରୀବିଷ୍ଣୁ ବିଶ୍ୱଶାନ୍ତି ଯଜ୍ଞ ନିମନ୍ତେ ଭୂମିପୂଜନ

**ଧାମନଗର, ୯ ।୧(ସମିସ):** ଧାମନଗର ଠାରେ ଶିକ୍ଷାବିତ୍ ନିତ୍ୟାନନ୍ଦ ବିଶ୍ୱାଳ ସ୍ମାରକୀ ପାଠାଗାର କେନ୍ଦ୍ର ଉଦଘାଟନ ଅବସରରେ ଶ୍ରୀଜଗନ୍ନାଥଙ୍କ ବତିଶ ବେଶ ଓ ଶ୍ରୀବିଷ୍ଣୁ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହେଉଛି। ଏ ଅବସରରେ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ଜୟନଗର ପଡ଼ିଆରେ ଭୂମିପୂଜନ, ଶୋଧନ ଓ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଠାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ବ୍ରାହ୍ମଣଙ୍କ ଦ୍ୱାରା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ନୀଳଗିରିରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଆସି ଧାମନଗରରେ ପହଞ୍ଚିବା ପରେ ଖୋଳ, କୀର୍ତ୍ତନ ମାଧ୍ୟମରେ ସ୍ୱାଗତ କରି ଜୟନଗର ପଡ଼ିଆ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇ ଭୂମିପୂଜନ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବିସିଇଟି ସଭାପତି ଡ.ମନ୍ମଥ କୁମାର ବିଶ୍ୱାଳ ଓ ପତ୍ନୀ ସୁବ୍ରତା ବିଶ୍ୱାଳ ଆଜ୍ଞାମାଳ ଆଣି ସ୍ଥାପନା କରିଥିଲେ। ନିତ୍ୟାନନ୍ଦ ବିଶ୍ୱାଳ ସ୍ମାରକୀ ପାଠାଗାର କମିଟି ସଭାପତି ରସାନନ୍ଦ ମହାପାତ୍ର ପୁରୀରୁ ଶ୍ରୀଜଗନ୍ନାଥଙ୍କ ଦାରୁ ଆଣି ଏଠାରେ ପହଞ୍ଚାଇବା ସହ ଉପସ୍ଥିତ ରହି ଦେବ ପୂଜାରେ ଭାଗ ନେଇଥିଲେ। ପ୍ରକାଶ ଥାଉକି ଆସନ୍ତା ଫେବୃଆରୀ ୧ରୁ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇ ୪ ତାରିଖରେ ପୂର୍ଣ୍ଣାହୁତି ସହ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାବିତ୍ ନିତ୍ୟାନନ୍ଦ ବିଶ୍ୱାଳ ସ୍ମାରକୀ ପାଠାଗାର ଉଦ୍‌ଘାଟନ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ନୀଳଗିରି ରାଜା ଜୟନ୍ତଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଓ ମନୋଜା ମଞ୍ଜରୀ ଦେବୀ ଏବଂ ପୁରୀ ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଯୋଗ ଦେବେ ବୋଲି ଜଣାପଡିଛି।

## ୧୦କେଜି ଗଞ୍ଜେଇ ଜବତ; ୨ଗିରଫ

**ଭଦ୍ରକ, ୯।୧(ସମିସ):** ଭଦ୍ରକ ସାବରଙ୍ଗ ପୁଲିସ ୧୦କେଜି ୨୩୬ଗ୍ରାମ ଓଜନର ଗଂଜେଇ ଜବତ କରିଛି। ସୂଚନାଯୋଗ୍ୟ ଗତ ୭ତାରିଖ ରାତିରେ ସାବରଙ୍ଗ ପୋଲିସ ଏହି ଗଂଜେଇ ଜବତ କରିଛି। ଗିରଫ ଦ୍ୱୟ ହେଲେ ବାବୁଲା ଓରଫ୍ ସୁଧାକର ମହାପାତଅ(୬୦) ଓ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଧିନ ଭବପୁର ଅଂଚଳର ସତ୍ୟବାନ ପ୍ରଧାନ(୩୨)। ଏମାନଙ୍କ ଠାରୁ ୧୦ହଜାର ଟଙ୍କା, ମୋବାଇଲ ଫୋନ୍ ବି ଜବତ କରିଛି। ଘଟଣାରେ ସାବରଙ୍ଗ ପୋଲିସ ୨ଅଭିଯୁକ୍ତଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି।

## କୃତୀ ଛାତ୍ରୀ ସମ୍ମାନିତ

**ଭଣ୍ଡାରିପୋଖରୀ, ୯।୧(ସମିସ):** ମଞ୍ଜୁରୀରୋଡ ନାଆମୀ ମହାବିଦ୍ୟାଳୟର କୃତୀ ଛାତ୍ରୀ ଜ୍ୟୋତିପ୍ରଭା ମହାଳିକ ଜିଲ୍ଲାସ୍ତରୀୟ ୧୮ ତମ ପ୍ରବାସୀ ଓଡ଼ିଆ ଦିବସରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଭଦ୍ରକ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ 'ସୂଚନା ପତ୍ର ଓ ଉପସ୍ଥାପନା' ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ମହାବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ପିତାମାତା ଓ କଲେଜର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ତତ୍ତ୍ୱାଧାନରେ ପ୍ରସ୍ତୁତି କରି ଜ୍ୟୋତିପ୍ରଭା ଏହି ସଫଳତା ହାସଲ କରିଛନ୍ତି।

## ପ୍ରାଧ୍ୟାପକ ଡ.ଅମୂଲ୍ୟ ବେହେରାଙ୍କ ସ୍ମୃତିସଭା

**ଭଦ୍ରକ, ୯ ।୧(ସମିସ):** ଭଦ୍ରକ ସାହିତ୍ୟ ପରିଷଦର ବରିଷ୍ଠ ସଦସ୍ୟ, ସୁସାହିତ୍ୟିକ, ଭଦ୍ରକ କଲେଜର ପ୍ରାକ୍ତନ ପ୍ରାଧ୍ୟାପକ ଡ. ଅମୂଲ୍ୟ କୁମାର ବେହେରାଙ୍କ ବିୟୋଗରେ ଆଜି ପରିଷଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଡ.ଗୋଲାକ ବିହାରୀ



ସାହୁଙ୍କ ଗୃହ ପରିସରରେ ଥିବା ସାବିତ୍ରୀ ସଦନରେ ଡ.ରାଧାରାଣୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଡ.ଗୋଲକ ବିହାରୀ ସାହୁ, ଡ.ମନିନ୍ଦ୍ର ମହାନ୍ତି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଭାତ ଜେନା, ଶାନ୍ତନୁ କୁମାର ରାଉତ, ବରିଷ୍ଠ କଳାକାର ଗୌରାଙ୍ଗ ବାରିକ, ଲକ୍ଷ୍ମୀକାନ୍ତ ବାରିକ, କୈଳାସ ଚନ୍ଦ୍ର ଜେନା, କବି ରମେଶ ଚନ୍ଦ୍ର ଦାସ, ନାଟ୍ୟଶୀ ନିର୍ମଳ ରାଉତ, କବି ଗୌତମ ମହାରଣା, ଶରତ କୁମାର ନାୟକ, ଡ.ପ୍ରଭାତ ନଳିନୀ ମହାପାତ୍ର, କବୟତ୍ରୀ ଗୀତାରାଣୀ ଆଇଚ, ଡ.ଉତ୍ପଳା ନାୟକ, ଦିପ୍ତିମୟୀ ସାହୁ, ସରୋଜିନୀ ନାୟକ ଏବଂ ସ୍ୱର୍ଗତ ବେହେରାଙ୍କୁ ଭଲପାଉଥିବା ବହୁ ବ୍ୟକ୍ତି ସାରଙ୍କର ବିଶେଷ ଗୁଣାବଳୀ ସଂପର୍କରେ ନିଜର ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳି ବାଢ଼ିଥିଲେ। ଅନୁଷ୍ଠାନର ସଂପାଦକ ବିଜୟ ବହଳୀଙ୍କ ସଂଚାଳନରେ ଏହା ଅନୁଷ୍ଠିତ ହୋଇଥିଲା।

## ବଂଶୀଧର ଧଳଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଧାମନଗର, ୯ ।୧(ସମିସ):**ଧାମନଗର ବ୍ଲକ ଅନ୍ତର୍ଗତ ଅବିଭକ୍ତ ଚୁଡାକୁଟି ଓ ଦଇପୁର ପଞ୍ଚାୟତର ସମାଜସେବୀ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ ବଂଶୀଧର ଧଳଙ୍କ ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ




ମୁରଲୀଧର ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ହରେକୃଷ୍ଣ ପାଢୀ, କଂଗ୍ରେସ ନେତା ବିଦ୍ୟାଧର ଯେନା, ହୃଦାନନ୍ଦ ସେଠୀ, ଅଭିଷେକ ରାଉତ, ନରେନ୍ଦ୍ର ମଲ୍ଲିକ, ପ୍ରସନ୍ନ ଧଳ, ସ୍ଥାନୀୟ ସରପଞ୍ଚ ଦୀପାଞ୍ଜଳି ନାୟକ, ସମିତି ସଭ୍ୟା ବୀଣାପାଣି ପଣ୍ଡା, ଚୁଡାକୁଟି ସରପଞ୍ଚ କସ୍ତୁରୀ ବିଶ୍ୱାଳ, ସମିତି ସଭ୍ୟ ଜ୍ଞାନରଞ୍ଜନ ମହାକୁଳ, ପୂର୍ବତନ ସମିତି ସଭ୍ୟ ରାଜୀବ ଦାସ, ବରିଷ୍ଠ ନାଗରିକ ପରିଷଦ ସଭାପତି ଅନୀଲ କୁମାର ବାରିକ, ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ସାଧାରଣ ସମ୍ପାଦକ ସଚ୍ଚୀକାନ୍ତ ପଣ୍ଡା, ସୁବାସ ବାରିକ, ନୀଳମଣି ନାଥଙ୍କ ସମେତ ବିଭିନ୍ନ ଦଳର ରାଜନେତା, ବହୁ ସଂଖ୍ୟକ ସମାଜସେବୀ, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ।

## ଶ୍ୱଶୁରଙ୍କୁ ହାଣି ଜେଲ୍ ଗଲା ଜ୍ୱାଇଁ

**ଭଣ୍ଡାରିପୋଖରୀ/ବାରିକପୁର, ୯।୧(ସମିସ):** ଭଣ୍ଡାରିପୋଖରୀ ଥାନା ରାମଚନ୍ଦ୍ରପୁର ପଞ୍ଚାୟତ ସଂପୋଇ ଗାଁର ମହେଶ୍ୱର ସାହୁ(୬୭)ଙ୍କୁ ହାଣିଥିବା ଜ୍ୱାଇଁ କାର୍ତ୍ତିକ ସାହୁ(୪୩) ଗୁରୁବାର କୋର୍ଟଚାଲାଣ ହୋଇଛି। ଗତ ବୁଧବାର ଅପରାହ୍ନରେ ଅଭିଯୁକ୍ତ କାର୍ତ୍ତିକ ଶ୍ୱଶୁର ମହେଶ୍ୱରଙ୍କୁ ଫାର୍ସା ଦ୍ୱାରା ବାମହାତ କାନ୍ଧକୁ ହାଣି ଦେଇଥିଲା। ମହେଶ୍ୱରଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁଯାୟୀ ମହେଶ୍ୱରଙ୍କ ଝିଅ ତପସ୍ୱିନୀ ୧୫ ବର୍ଷ ପୂର୍ବେ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ପଳସା ଆମ୍ବଗଡିଆ ଗାଁର କାର୍ତ୍ତିକକୁ ବୈଦିକ ରୀତିରେ ବିବାହ କରିଥିଲା। ସେମାନଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ମାତ୍ର କାର୍ତ୍ତିକ ଥିଲା ମଦୁଆ। ଦୈନିକ ମଦ ପାନ କରି ପତ୍ନୀକୁ ମାରଧର କରୁଥିଲା। ଗତ ୨୮ ତାରିଖରେ ତପସ୍ୱିନୀକୁ ମାଡମାରି ଘରୁ ବାହାର କରିଦେଇଥିଲା। ଖବର ପାଇ ମହେଶ୍ୱର ତପସ୍ୱିନୀକୁ ଘରକୁ ନେଇ ଆସି ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗ ଆଧାରରେ ପାଣିକୋଇଲି ଥାନାରେ କାର୍ତ୍ତିକ ନାମରେ ମାମଲା ରଜୁ ହୋଇଥିଲା। ପତ୍ନୀ ଓ ପିଲାମାନଙ୍କୁ ଫେରାଇ ଦେବାକୁ ବୁଧବାର ସକାଳେ ଆସି ଶ୍ୱଶୁରଙ୍କୁ ଧମକାଇ ଥିଲା। ଏଥିରେ ବିଫଳ ହେବାରୁ ବୁଧବାର ଅପରାହ୍ନରେ କାର୍ତ୍ତିକ ଶ୍ୱଶୁରଙ୍କୁ ହାଣିଦେଇଥିଲା।

## ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଗଲା

**ବାରିକପୁର, ୯ ।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମ ପଞ୍ଚାୟତ ବେଲଗଡିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇ ଗୋଟି ପରିବାରର ୩ ବଖରା ଚାଳଘର ନଷ୍ଟ ହୋଇଥିବା ଜଣାପଡିଛି। ପ୍ରାପ୍ତ ସୂଚନା ମୁତାବକ ଆଜି ପୂର୍ବାହ୍ନ ସାଢେ ୯ଟା ବେଳେ ଗାଁର ସଲିଳ ମହାନ୍ତି ଓ ଜ୍ଞାନରଞ୍ଜନ ମହାନ୍ତିଙ୍କ ଘରେ ନିଆଁ ଲାଗିଥିଲା। ଗ୍ରାମବାସୀ ମାନେ ନିଆଁକୁ ଲିଭାଇବା ପାଇଁ ଲାଗିପଡିଥିବା ବେଳେ ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଏହାକୁ ସମ୍ପୂର୍ଣ୍ଣ ଆୟତ କରିଥିଲା। ଏଥିରେ ଘରର ଆସବାବପତ୍ର ନଷ୍ଟ ହୋଇଛି। ସ୍ଥାନୀୟ ରାଜସ୍ୱ ନୀରିକ୍ଷକ କୀର୍ତିରଞ୍ଜନ ମଲ୍ଲିକ ବିପନ୍ନଙ୍କ ପାଖରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ବିଦ୍ୟୁତ୍ ସଟ ସର୍କିଟ ଯୋଗୁଁ ଘରେ ନିଆଁ ଲାଗିଥିବା କୁହାଯାଇଛି।

## ବାଳିକା ଆତ୍ମରକ୍ଷା ସଚେତନତା ଶିବିର

**ଭଣ୍ଡାରିପୋଖରୀ, ୯।୧(ସମିସ):** ମଞ୍ଜୁରୀରୋଡ ନାଆମୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡଃ ବିନୋଦ ବିହାରୀ ନାୟକ ମୁଖ୍ୟଅତିଥି ଭାବେ ଶିବିର ଉଦଘାଟନ କରି ଆତ୍ମରକ୍ଷା କୌଶଳ ନାରୀମାନଙ୍କୁ ଆତ୍ମବିଶ୍ୱାସୀ ଓ ସାହସୀ କରିବ ବୋଲି ଆଶା ପ୍ରକାଶ କରିଥିଲେ। ଏଥିରେ ଅଧ୍ୟାପକ ବନମାଳୀ ପଣ୍ଡା, ଡ. ସୁକାନ୍ତ ଚନ୍ଦ୍ର ସ୍ୱାଇଁ, ଡଃ ରଘୁନାଥ ସାହୁ, ଚିନ୍ତାମଣି ମହାକୁଡ଼ ଓ ଡ. ଅଜୟ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଏହି କର୍ମଶାଳାରେ ମାଷ୍ଟରଟ୍ରେନର ଉର୍ମିଳା ଜେନା, ବର୍ଷାରାଣୀ ଜେନା ଓ ମଧୁସ୍ମିତା ମହାରଣା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଯୋଜନା ସଂଯୋଜିକା ଅଧ୍ୟାପିକା ଭାରତୀଲତା ପଣ୍ଡା ଓ ସସ୍ମିତା ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାରେ କିଣାଗଲାଣି ୩୫୫୬ କ୍ୱିଣ୍ଟାଲ ଧାନ

**ଭଦ୍ରକ, ୯।୧(ସମିସ):** ପଞ୍ଜୀକୃତ ଚାଷୀମାନଙ୍କ ଠାରୁ ଭଦ୍ରକ ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଆଜି ସୁଦ୍ଧା ଜିଲ୍ଲାରେ ମୋଟ ୩୫୫୬ କ୍ୱିଣ୍ଟାଲ ଧାନ କିଣାଯାଇଛି । ସେଥିରୁ ମିଲର୍ ମାନଙ୍କୁ ୨୯୨୭ କ୍ୱିଣ୍ଟାଲ ଧାନ ପ୍ରଦାନ କରାଯାଇଛି। ୬୨୯ କ୍ୱିଣ୍ଟାଲ ଧାନ ମଣ୍ଡିରେ ମହଜୁଦ ରହିଛି। ୨୦୦୩ କ୍ୱିଣ୍ଟାଲ ଧାନ ମିଲର ମାନଙ୍କ ଦ୍ୱାରା ଗ୍ରହଣ କରାଯାଇଛି। ସୂଚନା ଯୋଗ୍ୟ କି ଏ ବର୍ଷ ସମୁଦାୟ ୯,୮୯,୭୭୯ କ୍ୱିଣ୍ଟାଲ ଧାନ କ୍ରୟ କରାଯିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲ୍ଲା ଯୋଗାଣ ବିଭାଗ ସୂଚନାନୁଯାୟୀ, ଜିଲ୍ଲାର ୭ଟି ମଣ୍ଡିରୁ ଉପରୋକ୍ତ ପରିମାଣର ଧାନ ସଂଗ୍ରହ କରାଯାଇଛି।

## ଧାମନଗରରେ ୨୩୬୭ ନୂଆ ଭୋଟର

**ଧାମନଗର, ୯ ।୧(ସମିସ):** ଧାମନଗର ବ୍ଲକ ଓ ଏନ୍‌ଏସି ଅଞ୍ଚଳର ଚଳିତ ମାସ ଜାନୁଆରୀ ୬ତାରିଖରେ ନୂତନ ଭୋଟର ତାଲିକା ପ୍ରକାଶ ପାଇଛି। ଏଥିରେ ଧାମନଗର ବ୍ଲକ ଅନ୍ତର୍ଗତ ୩୧ ପଞ୍ଚାୟତ ଓ ଏନଏସି ଅଞ୍ଚଳରେ ମୋଟ ପୁରୁଷ ଭୋଟର ସଂଖ୍ୟା ୯୨,୧୩୪ ଜଣ, ମହିଳା ଭୋଟର ସଂଖ୍ୟା ୮୭,୨୧୦ ଓ ତୃତୀୟ ଲିଙ୍ଗ ୨୩ ଜଣଙ୍କୁ ମିଶାଇ ମୋଟ ଭୋଟର ସଂଖ୍ୟା ୧,୭୯,୩୬୭ । ତେବେ ଗତ ୨୦୨୪ରେ ପ୍ରକାଶିତ ଭୋଟର ସଂଖ୍ୟା ୧,୭୭,୦୦୦ ଥିବା ବେଳେ ୨୦୨୫ ନୂତନ ଭୋଟର ତାଲିକାରେ ୧,୭୯,୩୬୭ ହୋଇଛି। ଯାହାଦ୍ୱାରା ବିଗତ ଏକ ବର୍ଷ ମଧ୍ୟରେ ୨୩୬୭ ଜଣ ନୂତନ ଭୋଟର ବଢ଼ିଥିବା ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଜଣାଯାଇଛି।

## ଧାନ ମଣ୍ଡିରେ ପାଲା ପରିବେଷଣ

**ବାରିକପୁର, ୯ ।୧(ସମିସ):** ଚାଷୀମାନଙ୍କ ମଧ୍ୟରେ ଖରିଫ୍ ଧାନ କ୍ରୟ ସମ୍ପର୍କରେ ସଚେତନତା ବଢାଇବା ସକାଶେ ପ୍ରଶାସନ ପକ୍ଷରୁ ବିଭିନ୍ନ ମଣ୍ଡିରେ ପାଲା ପରିବେଷଣ କରାଯାଇଛି।ଏହି ପରିପ୍ରେକ୍ଷୀରେ ଆଜି ଭଣ୍ଡାରିପୋଖରୀ ବ୍ଲକ ସରସଦା ଶିରିଡ଼ି ସାଇ ଏସ୍‌ଏଚଜି ଅଧିନ ଧାନ ମଣ୍ଡି ଠାରେ ସଚେତନାତ୍ମକ ପାଲା ପରିବେଷଣ ହୋଇଛି। ମହିଳା ଗୋଷ୍ଠୀ ସଭାନେତ୍ରୀ ରୁକ୍ମିଣୀ ସ୍ୱାଇଁ ଓ ସମ୍ପାଦିକା ଲକ୍ଷ୍ମୀପ୍ରିୟା କରଣଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ପାଲା ଗାୟକ ରବିନ୍ଦ୍ର ଜେନା ଏବଂ ସାଥୀ ମାନେ ଧାନ କ୍ରୟ ସମ୍ପର୍କରେ ପାଲା ପରିବେଷଣ କରିଥିଲେ। ଏଥିରେ ଅଗ୍ରଣୀ ଚାଷୀ ପିତାମ୍ବର ନାୟକ, ଦେବେନ୍ଦ୍ର ଷେଣ୍ଠ, ଜିତେନ୍ଦ୍ର ନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର ନାୟକ, ଭାବଗ୍ରାହୀ ବିଶ୍ୱାଳ, ଚନ୍ଦ୍ରମଣି ପରିଡା, ମାମିନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡା ପଞ୍ଚାୟତ ଅଞ୍ଚଳର ବୋହୁ ଚାଷୀ ଏଥିରେ ଯୋଗ ଦେଇଥିଲେ। ସେହିପରି ଜଳମଣ୍ଡୁଆ ସମିତି ଅଧିନ ମଣ୍ଡି ଠାରେ ସଭାପତି ରତ୍ନାକର ପାତ୍ର ଓ ସମ୍ପାଦକ ଜୟନ୍ତ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ସଚେତନତା ସୃଷ୍ଟି ପାଇଁ ପାଲା ପରିବେଷଣ ହୋଇଥିବା ଜଣାପଡିଛି।

## ଗୋପିନାଥଜୀଉ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



**ବନ୍ତ/ଆଗରପଡ଼ା, ୯।୧(ସମିସ):** ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ଗୋପିନାଥଜୀଉ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ନନ୍ଦଙ୍କ ସଭାପତିତ୍ୱ ଓ କ୍ରୀଡ଼ା ଶିକ୍ଷକ ବଳଭଦ୍ର କିଙ୍କର ଜେନାଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସଂଜୀବ ମଲ୍ଲିକ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ତଥା ପ୍ରବଚକ ହରିହର ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଜିଲ୍ଲା ବିଜେଡି ଉପସଭାପତି ତଥା ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ବ୍ଲକ ଯୁବ ସଭାପତି ସତ୍ୟ ସାଧନ ବେଜ, ବ୍ଲକ ସଭାପତି ଲକ୍ଷ୍ମୀଧର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ଓଷ୍ଟା ଜିଲ୍ଲା ସଭାପତି ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କେନ୍ଦୁଆପଦା ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଶି ଶେଖର କରଶର୍ମା,ଓଷ୍ଟା ଜିଲ୍ଲା ସଂପାଦକ ପ୍ରଭାତ ପାଣିଗ୍ରାହୀ, ଓଷ୍ଟା ବ୍ଲକ ସଂପାଦକ ସନ୍ତୋଷ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ମିହିର ଆଚାର୍ଯ୍ୟଙ୍କ ଦ୍ୱାରା ବେଦ ପାଠ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶିକ୍ଷକ ଅନନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅମରେନ୍ଦ୍ର ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଯୁବ ଇଂ. ପ୍ରିୟବ୍ରତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଡ.ପୂର୍ଣ୍ଣଚନ୍ଦ୍ର ରାୟଙ୍କ ପିତା ସ୍ୱର୍ଗତ ନାରାୟଣ ଚନ୍ଦ୍ର ରାୟ ଟ୍ରଫି ଚଳିତ ୨୦୨୪-୨୫ ଶିକ୍ଷା ବର୍ଷର ଶ୍ରେଷ୍ଠ ଛାତ୍ରୀ ଭାବେ ଦଶମ ଶ୍ରେଣୀ ଛାତ୍ରୀ ମମତା ସାହୁଙ୍କୁ ବିଧାୟକ ଶ୍ରୀ ମଲ୍ଲିକ ପ୍ରଦାନ କରିଥିଲେ। ଶେଷରେ ଆୟୋଜିତ ବିଭିନ୍ନ କ୍ରୀଡ଼ାରେ ନିଜର ପାରଦର୍ଶୀତା ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ/ଶିକ୍ଷୟିତ୍ରୀ ରବିନ୍ଦ୍ର ଦାସ,ଉମାଶଙ୍କର ମହାପାତ୍ର, ବୀଣାପାଣି ପାଲ ଓ କର୍ମଚାରୀ ପ୍ରଦୀପ ମହାନ୍ତି,ମହେଶ୍ୱର ଜେନା, ବିଜୟ ପଣ୍ଡାଙ୍କ ସମେତ ପରିଚାଳନା କମିଟି ସଭ୍ୟ/ସଭ୍ୟା ପିତାମ୍ବର ପତି, କରୁଣାକର ଦାସ, ବିନୋଦ ବିହାରୀ ଜେନା ଏବଂ ହେମଲତା ମହାପାତ୍ରଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ମହାବୀର କପ୍ ରାଜେଶ ବଳ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଇଷ୍ଟକୋଷ୍ଟ ରେଳବାଇ ଓ ଜୁଭେନାଇଲ ବିଜୟୀ

ଭଦ୍ରକ, ୯।୧(ସମିସ)




ଭଦ୍ରକ ଚରମ୍ପା ରେଳବାଇ ପଡ଼ିଆରେ ଆଜି ଠାରୁ ୩ୟ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୨ଟି ମ୍ୟାଚ ଖେଳାଯାଇଛି। ପ୍ରଥମ ମ୍ୟାଚରେ ଭଦ୍ରକ ଇଷ୍ଟକୋଷ୍ଟ ରେଳବାଇ ଦଳ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ କଟକ ଜୁଭେନାଇଲ ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚଟି ଇଷ୍ଟକୋଷ୍ଟ ରେଲୱେ ଓ ବାଲେଶ୍ୱରର ୟୁ ଆଣ୍ଡ ମି ଦଳ ମଧ୍ୟରେ ଖେଳା ଯାଇଥିଲା। ଟସ୍ ଜିଣି ରେଳବାଇ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୪୭ ରନ କରିଥିଲା। ଦଳ ପକ୍ଷରୁ ସଞ୍ଜିବ ଚୌଧୁରୀ ୫୪ ବଲ୍‌ରେ ସର୍ବାଧିକ ୯୦ ରନ୍ କରିଥିବା ବେଳେ ପ୍ରତିପକ୍ଷ ୟୁ ଆଣ୍ଡ ମି ଦଳର ପ୍ରାଣେନ୍ଦୁ ବେହେରା ୪ ଓଭରରେ ୨୧ ରନ ଦେଇ ୪ଟି ୱିକେଟ ନେଇଥିଲେ। ୧୪୮ ରନ୍‌ର ପିଛା କରି ଦ୍ୱିତୀୟରେ ବ୍ୟାଟିଂ କରିଥିବା ୟୁ ଆଣ୍ଡ ମି ଦଳ ୨୦ ଓଭରରେ ୯ ୱିକେଟ ହରାଇ ୧୩୯ ରନ କରିବାକୁ ସମର୍ଥ ହୋଇଥିଲା। ଫଳରେ ରେଳବାଇ ଦଳ ଏହି ମ୍ୟାଚକୁ ୮ ରନ୍‌ରେ ଜିତି ନେଇଥିଲା। ଦଳ ପକ୍ଷରୁ ରୋନାଲ୍‌ଡ ଦାସ ୩୧ ରନ କରିଥିବା ବେଳେ ରେଳବାଇ ଦଳର ନିହାର ଭୁୟାଁ ୪ଟି ଓ ଅବିନାଶ ସିଂ ୩ଟି ଉଇକେଟ ନେଇଥିଲେ। ସଂଜିବ ଚୌଧୁରୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଓ ଜୁଭେନାଇଲ କଟକ ମଧ୍ୟରେ ଖେଳା ଯାଇଥିଲା। ଟସ୍ ଜିତି ରାମେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୧୮ ଓଭରରେ ୮ ୱିକେଟ ହରାଇ ୧୩୮ ରନ କରିଥିଲା। ଦଳ ପକ୍ଷରୁ ଅଭିଷେକ ନାଥ ୫୮ ରନ ଓ ଆକାଶ ପୋରେଲ ୨୪ ରନ କରିଥିଲେ। ଜୁଭେନାଇଲ ପକ୍ଷରୁ ରାମଚନ୍ଦ୍ର ବେହେରା ୪ ଓଭରରେ ୧୫ ରନ୍ ଦେଇ ୪ଟି ଓ ସୁମିତ ଶର୍ମା ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଜୁଭେନାଇଲ ଦଳ ବ୍ୟାଟିଂ କରି ୧୭.୩ ଓଭରରେ ୪ ଉଇକେଟ ହରାଇ ୧୪୦ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ୫୦ ଓ ସନ୍ଦିପ ମହାପାତ୍ର ୪୯ ରନ କରିଥିବା ବେଳେ ରାମେଶ୍ୱର ପକ୍ଷରୁ ଏମ୍. ଜି. ଗୋପାଲ ୨ଟି ଉଇକେଟ ନେଇଥିଲେ। ରାମଚନ୍ଦ୍ର ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା।

## ବୈତରଣୀ ରୋଡ୍‌କୁ ବ୍ଲକ୍ କରାଯିବା ଦାବି

**ପାଣିକୋଇଲି, ୯।୧(ସମିସ):** ରାଜ୍ୟ ସରକାର ଜନସାଧାରଣଙ୍କ ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟରେ ବ୍ଲକ ସଂଖ୍ୟା ବୃଦ୍ଧି କରିବା ପାଇଁ ଯୋଜନା କରୁଥିବାବେଳେ ବୈତରଣୀରୋଡ୍‌କୁ ନୂତନ ବ୍ଲକ କରିବା ପାଇଁ ଦାବି ହେଉଛି। ଆଜି କଂଗ୍ରେସ ନେତା ହରେକୃଷ୍ଣ ସାହୁଙ୍କ ଆବାହକତ୍ୱରେ ବରୁଣ୍ଡେଇ ପଞ୍ଚାୟତ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଭୌ÷ଗୋଳିକ ଦୃଷ୍ଟିକୋଣରୁ ବୈତରଣୀ ରୋଡ ୧୦ଟି ପଞ୍ଚାୟତର କେନ୍ଦ୍ରସ୍ଥଳ। ବୈତରଣୀ ରୋଡ୍‌ଠାରୁ ଗମନାଗମନ ପାଇଁ ୧୦ କିଲୋମିଟର ବ୍ୟବଧାନରେ ବନ୍ଦାଳୋ, ମୂଳାପାଳ, କରଦା, ମୁକୁନ୍ଦପୁର, ଗୌରପୁର, ରଣପୁର, ଅସନଝର, ତାରାକୋଟ, ବରୁଣ୍ଡେଇ ଓ ଅମୃତିଆ ହେଉଥିବା ସ୍ଥଳେ ଜନସାଧାରଣ ଖୁବ୍ କମ୍ ସମୟରେ ବ୍ଲକରେ ପହଞ୍ଚି ନିଜ ନିଜର କାର୍ଯ୍ୟକୁ ସହଜରେ କରିପାରିବେ। ଏହି ୧୦ଟି ପଞ୍ଚାୟତ କୋରେଇ ବ୍ଲକର ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଭାବେ ପରିଗଣିତ। ବନ୍ୟା ସମୟରେ ଏହି ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହେଉଛି। କୋରେଇ ବ୍ଲକକୁ ଯିବା ପାଇଁ ୨୦/୨୫ କିଲୋମିଟର ରାସ୍ତା ହେଉଛି ବୋଲି ଉପସ୍ଥିତ ବୁଦ୍ଧିଜୀବୀ ମତବ୍ୟକ୍ତ କରିଥିଲେ। ନୂତନ ବ୍ଲକ ଗଠନ ପାଇଁ ୧୦ଟି ପଞ୍ଚାୟତର ଲୋକପ୍ରତିନିଧି, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ଙ୍କୁ ନେଇ ଆଲୋଚନା କରାଯିବା ସହ ବ୍ଲକ ଗଠନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବାକୁ ଆଲୋଚନା ହୋଇଥିଲା। ଆଜି ବୈଠକରେ ସମିତିସଭ୍ୟ ରଶ୍ମିରଞ୍ଜନ ପରିଡ଼ା, ବରୁଣ୍ଡେଇର ପୂର୍ବତନ ସରପଞ୍ଚ ଉଦୟନାଥ ପରିଡ଼ା, ନାଏବ ସରପଞ୍ଚ ଗୋପାଳ ଜେନା, ପଞ୍ଚାୟତ ସଭାପତି ପ୍ରକାଶ ସାହୁ, ଶିକ୍ଷାବିତ୍ କିଶୋର ମହାନ୍ତି, ବୈଷ୍ଣବ ଖଣ୍ଡେଇ, ସୁଧିର ମହାନ୍ତି, ଅକ୍ଷୟ ମହାଳିକ, ସୁନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପାଣିକୋଇଲି ପଣ୍ଡା ଅଳଙ୍କାର ଲୁଟ୍ ଓ ଗୁଳିକାଣ୍ଡ ଘଟଣା

## ମୃତକ ଓ ଆହତଙ୍କ ପରିବାରକୁ ଭେଟିଲେ ପ୍ରଣବ

**ଯାଜପୁର/ପାଣିକୋଇଲି, ୯।୧(ସମିସ)**



ପାଣିକୋଇଲିସ୍ଥ ପଣ୍ଡା ଅଳଙ୍କାରରୁ ଲୁଟ୍ ଓ ଗୁଳିକାଣ୍ଡରେ ମୃତ୍ୟୁବରଣ କରିଥିବା ଓ ଆହତ ହୋଇଥିବା ପୀଡ଼ିତ ପରିବାରକୁ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଭେଟି ସମବେଦନା ଜଣାଇଛନ୍ତି। କୋରେଇ ବ୍ଲକ ସୋତି ଗ୍ରାମର ଯୁବକ ନୀଳମାଧବ ପଣ୍ଡା ଓ ଯାଜପୁର ସଦର ଥାନା କଳସଡ଼ିହ ଗ୍ରାମର ସୁନୀଲ ରାୟଙ୍କ ପରିବାର ନିକଟରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଘଟଣା ଦିନ ପୁଲିସର ବିଫଳତା ସମ୍ପର୍କରେ ମୃତକଙ୍କ ପରିବାରର ଲୋକେ ଶ୍ରୀ ଦାସଙ୍କୁ ଅବଗତ କରିଥିଲେ। ଶ୍ରୀ ଦାସ ଉଭୟ ପରିବାରକୁ ସାନ୍ତ୍ୱନା ଦେବା ସହିତ ଆଗାମୀ ଦିନରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ନୀଳମାଧବଙ୍କ ସାନଭାଇ ଓ ଭଉଣୀଙ୍କ ପାଠପଢ଼ା ଦାୟିତ୍ୱ ନେବେ ବୋଲି କହିଥିଲେ। ସେହିପରି ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଦୀପକ ସାହୁଙ୍କ ପରିବାରକୁ ଭେଟି ତାଙ୍କର ଆରୋଗ୍ୟ କାମନା କରିଛନ୍ତି। ପ୍ରଣବଙ୍କ ଏହି ଗସ୍ତ ସମୟରେ ଅଶୋକ ଦାସ ଫାଉଣ୍ଡେସନର ସଚିବ ଭବପ୍ରସାଦ ଦାସ, ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଦୁଇ ଲୁଟେରାଙ୍କୁ ଅଦାଲତ ଚାଲାଣ କରାଯାଇଛି। କଟକ ବଡ଼ ମେଡିକାଲରୁ ଆଣି କଳିଙ୍ଗନଗର ଥାନାରେ ଜେରା ପରେ ସେମାନଙ୍କୁ କୋର୍ଟ ଚାଲାଣ କରିଛି ପାଣିକୋଇଲି ପୁଲିସ। ଏହି ଘଟଣାର ଚେର ରାଜ୍ୟ ବାହାରକୁ ଲମ୍ବିଥିବା ଜଣାପଡ଼ିବା ସହିତ ଦୀର୍ଘଦିନ ଧରି ଅପରାଧି ବ୍ୟାସନଗର ଓ ପାଣିକୋଇଲି ଅଞ୍ଚଳରେ ରହି ଏଭଳି ଲୁଟ ପାଇଁ ଯୋଜନା ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଅପରାଧି ଦ୍ୱୟ ବିହାର ବେଗୁସରାଇ ଜିଲ୍ଲା ମଫସିଲ ଥାନା ଅନ୍ତର୍ଗତ ସୁହିରଡନଗରର ଲୋହିଆନଗର ଗ୍ରାମର ମହେଶ ସାହାଣୀଙ୍କ ପୁଅ ରାଜା ସାହାଣୀ ଓରଫ ଶୁଭମ (୩୩) ଓ ଶରଣ ଜିଲ୍ଲା ଗୌରା ଥାନା ଅନ୍ତର୍ଗତ ନଗରାରାମପୁର ଗ୍ରାମର ରାଜେନ୍ଦ୍ର ସିଂହଙ୍କ ପୁଅ ମଧୁକାନ୍ତ କୁମାର ଓରଫ ରାଣା (୨୪) ବୋଲି ଜଣାପଡ଼ିଛି।

## 'ଓଡ଼ିଆ ନାଟକରେ ନୈତିକ ଚେତନା' ପୁସ୍ତକ ଲୋକାର୍ପିତ



**ଶଙ୍ଖଚିଲା, ୯।୧(ସମିସ):** କୋରେଇସ୍ଥ କାହ୍ନୁଚରଣ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ମୋହନ ଚରଣଙ୍କ ଲିଖିତ ଗବେଷଣାଧର୍ମୀ ପୁସ୍ତକ 'ଓଡ଼ିଆ ନାଟକରେ ନୈତିକ ଚେତନା' ପୁସ୍ତକ ଲୋକାର୍ପଣ ହୋଇଯାଇଛି। ଆଜି ମହାବିଦ୍ୟାଳୟ ପରିସରରେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ସାହିତ୍ୟିକ ନନ୍ଦକିଶୋର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବକୁ କାହ୍ନୁଚରଣ ମହାବିଦ୍ୟାଳୟର (ଡିଗ୍ରୀ) ପ୍ରତିଷ୍ଠାତା ସଚ୍ଚିଦାନନ୍ଦ ରାଉତ ଉଦ୍‌ଘାଟନ କରିଥିବାବେଳେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ସାହିତ୍ୟିକ ଡଃ ସୂର୍ଯ୍ୟମଣି ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ପ୍ରାବନ୍ଧିକ ଓ ସୁବକ୍ତା ପ୍ରାଧ୍ୟାପକ ଶିବଚରଣ ମାଝୀ, ବରିଷ୍ଠ ପ୍ରବଚକ ପଣ୍ଡିତ ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ପୁସ୍ତକରେ ସମାଜର ୧୮୫୦ରୁ ୧୯୫୦ ପର୍ଯ୍ୟନ୍ତ ଏକଶହ ବର୍ଷ ନୀତି ଆଦର୍ଶର କଥା ଲିପିବଦ୍ଧ ହୋଇଥିବାରୁ ବର୍ତ୍ତମାନ ଓ ଆଗାମୀ ପିଢ଼ିଙ୍କ ନିମନ୍ତେ ଏହା ଏକ ମାର୍ଗଦର୍ଶକ ସାଜିବ। ଏକ ଆଦର୍ଶ ସମାଜ ଗଠନରେ ଏହା ନିଶ୍ଚିତ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସାମ୍ବାଦିକ ପ୍ରଦୀପ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବ୍ୟଙ୍ଗ କବି ବାଇଧର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### କାର୍ଯ୍ୟକାରୀ ହେଉନି ଫାଷ୍ଟ କମ୍ ଫାଷ୍ଟ ଲୋଡ୍ ନିର୍ଦ୍ଦେଶ

## ପ୍ରତିବାଦରେ ଟ୍ରକ୍ ମାଲିକଙ୍କ ଧାରଣା

**ବଡ଼ଚଣା, ୯।୧ (ସମିସ):** ଉଚ୍ଚନ୍ୟାୟାଳୟଙ୍କ ପକ୍ଷରୁ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିର୍ଦ୍ଦେଶକୁ ଉଲ୍ଲଂଘନ କରି କ୍ରୋମାଇଟ ପରିବହନ ପ୍ରତିବାଦରେ ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥ ଶାନ୍ତିଲତା ପେଟ୍ରୋଲ ପମ୍ପ ନିକଟରେ ଧାରଣା ଦିଆଯାଇଛି। ଏହି ଧାରଣାରେ ସଭାପତି ପୁଷ୍ପରାଜ ନାୟକ, ସମ୍ପାଦକ କୀର୍ତ୍ତିରାଜ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଟ୍ରକ୍ ମାଲିକ ଧାରଣାରେ ସାମିଲ ହୋଇଛନ୍ତି। ମାଲିକଙ୍କ ଅଭିଯୋଗ ଅନୁଯାୟୀ ସୁକିନ୍ଦା କ୍ରୋମ୍‌ଭାଲିରେ ୨୦୧୯ରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଫାଷ୍ଟ କମ୍ ଫାଷ୍ଟ ଲୋଡ୍ କାର୍ଯ୍ୟକାରୀ ହୋଇଆସୁଥିଲା। ମାତ୍ର ଅକ୍ଟୋବର ୪ ତାରିଖରେ ବ୍ୟତିକ୍ରମ ହୋଇ ସ୍ଥାନୀୟ ମୁଷ୍ଟିମେୟ ଗାଡ଼ି ମାଲିକ ଫାଷ୍ଟ କମ୍ ଫାଷ୍ଟ ଲୋଡ୍‌କୁ ଉଲ୍ଲଂଘନ କରି ୩୦ ଶତକଡା ସ୍ୱଏସାଲ୍ ଲୋଡ୍ ନେଲେ। ଏଥିପାଇଁ କ୍ଷତିଗ୍ରସ୍ତ ଗାଡ଼ି ମାଲିକ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଫଳରେ ଡିସେମ୍ବର ୨୧ ତାରିଖରେ ଉଚ୍ଚସ୍ତରୀୟ ବୈଠକ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସ୍ୱଏସାଲ୍ ଲୋଡ଼ିଂ ବନ୍ଦ ରହିବ ଓ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ପାଳନ କରାଯିବ। ପରବର୍ତ୍ତୀ ସମୟରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକୁ ସ୍ଥାନୀୟ ଗାଡ଼ି ମାଲିକ ବେଖାତିର୍ କରିବା ସହିତ ଖଣି କର୍ତ୍ତୃପକ୍ଷଙ୍କ ସହଯୋଗରେ ୩୦ଶତକଡ଼ା ସ୍ୱଏସାଲ୍ ଲୋଡ୍ ନେଉଛନ୍ତି। ଫଳରେ ଚଣ୍ଡିଖୋଲ, ବ୍ରାହ୍ମଣୀ ବ୍ରିଜ, ଯାଜପୁର ରୋଡ୍ ଗାଡ଼ି ମାଲିକ ଲୋଡିଂରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ଆଜି ଗାଡ଼ି ମାଲିକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା କରିଛନ୍ତି। ଏହି ଧାରଣାରେ କୋଷାଧ୍ୟକ୍ଷ ଜାହିଦ୍ ଖାଁ, ସହସମ୍ପାଦକ ବିଶ୍ୱଜିତ୍ ବିଶ୍ୱାଳ, ଉପସଭାପତି ମାନସ ନାୟକ, ମହମ୍ମଦ ଜସିମୁଦ୍ଦିନ, ମନୋରଞ୍ଜନ ନାୟକ, ସତ୍ୟବ୍ରତ ଖଣ୍ଡାଇ, ବିଜୟ ପଲ୍ ଯାଦବ, ସେଖ ଅନୱାର ଅଲ୍ଲୀ, ବୈକୁଣ୍ଠ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ହକ୍ ପାଇଁ ପରିବହନ କାର୍ଯ୍ୟରେ ବାଧା ଦେଲା ଟ୍ରକ୍ ମାଲିକ ସଂଘ

## ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା ବିଫଳ



**ବ୍ୟାସନଗର, ୯।୧(ସମିସ):** ଗତ ୭ ତାରିଖରେ ସାମ୍ବାଦିକ ସମ୍ମିଳନୀ କରି ସୁକିନ୍ଦା କ୍ରୋମାଇଟ ପରିବହନ କାର୍ଯ୍ୟରେ ଫାଷ୍ଟ କମ୍ ଫାଷ୍ଟ ଲୋଡ୍ ନିୟମ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଯାଜପୁର ରୋଡ୍, ବ୍ରାହ୍ମଣୀ ବ୍ରିଜ ଓ ଅନ୍ୟ ଟ୍ରକ୍ ମାଲିକ ସଂଘ ଦାବି କରିଥିଲା। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅବଜ୍ଞା କରି ସ୍ୱତନ୍ତ୍ର ପରିବହନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମଧ୍ୟ ସଂଘ ପକ୍ଷରୁ ବିରୋଧ କରାଯିବା ସହିତ ୯ ତାରିଖରୁ ନିୟମରେ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ କ୍ରୋମାଇଟ ପରିବହନ ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଯାଜପୁର ଜିଲ୍ଲା ପ୍ରଶାସନ ଏହାକୁ କର୍ଣ୍ଣପାତ ନ କରିବାରୁ ଗୁରୁବାର ସକାଳୁ ସ୍ଥାନୀୟ ଯାଜପୁର ରୋଡ୍ କୁଆଁରଦା ଗୋଲେଇ ଛକରେ ଚକାବନ୍ଦ ଆନ୍ଦୋଳନ କରାଯିବା ପରେ ହଜାର ହଜାର କ୍ରୋମାଇଟ ପରିବହନ ଗାଡି ଧାଡିରେ ଛିଡା ହୋଇଥିଲେ। ଫଳରେ କଳିଙ୍ଗନଗର କାରଖାନାରୁ ଆସୁଥିବା ଅନେକ ଗାଡ଼ି ମଧ୍ୟ ଏହା ଯୋଗୁଁ ପ୍ରଭାବିତ ହୋଇଥିଲେ। ଶହ ଶହ ସଂଖ୍ୟାରେ ଟ୍ରକ୍ ମାଲିକ ନିଜର ନାର୍ଯ୍ୟ ଦାବି ହାସଲ ନିମନ୍ତେ ଚକାବନ୍ଦ କରିବା ଫଳରେ ଶେଷରେ ପ୍ରଶାସନର ଚେତା ପସିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବାକୁ ଯାଜପୁର ରୋଡ ଆଦର୍ଶ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ, ବ୍ୟାସନଗର ତହସିଲଦାର ଆନ୍ଦୋଳନ ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ମଧ୍ୟ ନିଜ ଜିଦ୍‌ରେ ଅଟଳ ରହିଥଲା ଟ୍ରକ ମାଲିକ ସଂଘ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ଅନୁରୋଧ କ୍ରମେ ଆଲୋଚନାକୁ ଓହ୍ଲାଇଥିବା ଟ୍ରକ ମାଲିକ ସଂଘ ଅପରାହ୍ନ ୪.୩୦ ମିନିଟ ସମୟରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଆଲୋଚନା କରିଥିଲା। ସମସ୍ୟା ସମାଧାନ ପାଇଁ ଶ୍ରୀ ନନ୍ଦ ୮ ଦିନ ସମୟ ମାଗିଥିଲେ। ଯାହାକୁ ଟ୍ରକ୍ ମାଲିକ ସଂଘର ୨ ପ୍ରତିନିଧି ସଭାପତି ଅମୀୟ ବାରିକ ଓ ସାଧାରଣ ସମ୍ପାଦକ ଦିଲ୍ଲୀପ ମଲ୍ଲିକ ମାନି ନେଇଥିଲେ। ତେବେ ପ୍ରତି ବଦଳରେ ଏହି ୮ ଦିନ ସ୍ୱତନ୍ତ୍ର ଲୋଡିଂ ବ୍ୟବସ୍ଥା ଉଚ୍ଛେଦ କରାଯିବାକୁ ଦାବି ରଖିଥିଲେ। ଯାହାକୁ ଅତିରିକ୍ତ ଜିଲ୍ଲାପାଳ ସୁକିନ୍ଦା ବିଧାୟକଙ୍କ ସହିତ ଆଲୋଚନା କରି କହିବେ ବୋଲି କହିବା ପରେ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିବ ନାହିଁ ବୋଲି ହୃଦୟଙ୍ଗମ କରି ବୈଠକରୁ ଟ୍ରକ ମାଲିକ ସଂଘ ପ୍ରତିନିଧି ଓହରିଯାଇଥିଲେ। ଆସନ୍ତାକାଲିଠାରୁ ପୁନର୍ବାର ଆନ୍ଦୋଳନ ଓ ଚକାବନ୍ଦ ଜାରି ରହିବ ବୋଲି ଟ୍ରକ ମାଲିକ ସଂଘ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ଗୋହିରାଗଡ଼ିଆରୁ ଜବରଦଖଲ ଉଚ୍ଛେଦ ଦାବି



**ରଗଡ଼ି, ୯।୧(ସମିସ):** କୋରେଇ ବ୍ଲକ ବ୍ୟାସନଗର ତହସିଲର ପଛିକୋଟ ଆରଆଇ ସର୍କଲ ଅଧୀନ ଗୋହିରାଗଡ଼ିଆ ମୌଜା ଖାତା ନମ୍ବର ୨୨୯, ପ୍ଲଟ ନମ୍ବର ୧୨୫୮ରେ ଥିବା ରକ୍ଷିତ ଜମିକୁ ଗ୍ରାମର ଅଜୟ ପାତ୍ର ନାମକ ବ୍ୟକ୍ତି ଜବରଦଖଲରେ ରଖିଥିବା ନେଇ ଗ୍ରାମବାସୀ ତହସିଲ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେଠାରୁ ତୁରନ୍ତ ଜବରଦଖଲ ଉଚ୍ଛେଦ କରାଯିବା ପାଇଁ ସେମାନେ ଦାବି କରିଛନ୍ତି। ଉକ୍ତ ବ୍ୟକ୍ତି ଜଣକ ସେହି ଜାଗାରେ ତରବରିଆ ଭାବେ ଏକ ଗୃହ ନିର୍ମାଣ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଜାଗା ଗୋହିରାଗଡ଼ିଆ ସରକାରୀ ସ୍କୁଲ ପରିସରଭୁକ୍ତ ହୋଇଥିବାରୁ ଜବରଦଖଲ ଯୋଗୁଁ ଛାତ୍ରଛାତ୍ରୀଙ୍କ ଖେଳିବାରେ ଅସୁବିଧା ହେଉଥିବାବେଳେ ଗ୍ରାମବାସୀଙ୍କ ଚଳପ୍ରଚଳରେ ସମସ୍ୟା ସୃଷ୍ଟି ହେଉଛି। ଏହି ଜାଗାରୁ ହଟିଯିବା ପାଇଁ କହିବାରୁ ସେ ନାନାଦି ଧମକ ଦେଉଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ପଛିକୋଟର ଆରଆଇ ସୁଧୀର ରଞ୍ଜନ ମଲ୍ଲିକଙ୍କୁ ପଚାରିବାରୁ ମୁଁ ଏହାର ସରଜମିନ ତଦନ୍ତ କରିଛି। ଏହା ସରକାରୀ ଜାଗା ଚିହ୍ନଟ ହୋଇଛି। ଏ ନେଇ ସେ ତହସିଲଦାରଙ୍କୁ ଜଣାଇଥିବା କହିଛନ୍ତି। ସର୍ବସାଧାରଣ ତଥା ସ୍କୁଲ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ତୁରନ୍ତ ଜବରଦଖଲ ଉଚ୍ଛେଦ ପାଇଁ ରବୀନ୍ଦ୍ର ପାତ୍ର, ବୋଧିରାମ ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର ଓ ଚିନ୍ତାମଣି ପାତ୍ର ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

### ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରିବାକୁ ରତ୍ନଗିରିରେ ବ୍ୟାପକ ପ୍ରସ୍ତୁତି

## ଦୁଇଦିନ ବିତିଲା, କାହାର ଦେଖାନାହିଁ

**ବରୀ, ୯।୧(ସମିସ):** ପ୍ରଥମଥର ପାଇଁ ଓଡ଼ିଶାରେ ପ୍ରବାସୀ ଭାରତୀୟଙ୍କ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଏଥିପାଇଁ ବରୀ ବ୍ଲକ ଅଧୀନସ୍ଥ ରତ୍ନଗିରି ବୌଦ୍ଧପୀଠରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନର ଅଧିକାରୀ ପ୍ରବାସୀଙ୍କୁ ଦେଖିବା ନିମନ୍ତେ ରତ୍ନଗିରିରେ ପହଞ୍ଚି ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଥିବା ଦେଖିବାକୁ ମିଳୁଛି। ତେବେ ତିନିଦିନିଆ ପ୍ରବାସୀ ଭାରତୀୟ ଦିବସର ଦୁଇଦିନ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଜଣେ ବି ପ୍ରବାସୀ ରତ୍ନଗିରିକୁ ଆସିନାହାନ୍ତି। ଶେଷ ଦିବସରେ ପ୍ରବାସୀ ଆସିବା କ୍ଷୀଣ



ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରିବା ନିମନ୍ତେ ପ୍ରସ୍ତୁତି କରିଛନ୍ତି। ରତ୍ନଗିରି ବୌଦ୍ଧ ପୀଠ ପରିସର ଓ ସ୍ଥାନୀୟ ଅଞ୍ଚଳକୁ ପରିଷ୍କାର କରାଯିବା ସହ ଅଲୋକୀକରଣ କରାଯାଇଛି। ବରୀ ଅଞ୍ଚଳର ଲୋକେ ବୋଲି ନିଜ ନାମ ଗୋପନ ରଖି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ତେବେ ଶେଷ ଦିନରେ ପ୍ରବାସୀ ଭାରତୀୟ ବୌଦ୍ଧ ପୀଠ ପରିଦର୍ଶନରେ ଆସିବା ସମ୍ଭାବନା ଥିବାରୁ ପ୍ରଶାସନ ଅଧିକ ତତ୍ପର ହୋଇ ଉଠିଛି।

## ବ୍ରାହ୍ମଣୀ ବ୍ରିଜ୍ ଟ୍ରକ୍ ମାଲିକ ସଂଘର ଧାରଣା



**କବାଟବନ୍ଧ, ୯।୧(ସମିସ):** ସୁକିନ୍ଦା ଖଣି ଅଞ୍ଚଳରୁ କ୍ରୋମ ପରିବହନରେ ଅନିୟମିତତା ଓ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଦାବିରେ ଯାଜପୁର ଜିଲ୍ଲାର ଟ୍ରକ୍ ମାଲିକ ଧାରଣା ଦେଇଛନ୍ତି। ଏ ପରିପ୍ରେକ୍ଷୀରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ବ୍ରିଜ୍ ଟ୍ରକ ମାଲିକ ସଙ୍ଘ ପକ୍ଷରୁ ଗୁରୁବାର ପ୍ରତିବାଦ ସ୍ୱରୂପ ଧାରଣା ଦିଆଯାଇଛି। ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର କନ୍ତପଡ଼ା ନିକଟରେ ବ୍ରାହ୍ମଣୀ ବ୍ରିଜ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ସକାଳ ୯ଟାରୁ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲେ। ଏହି ସମୟରେ କ୍ରୋମ ଲୋଡ୍ କରି ଆସୁଥିବା ଗାଡ଼ିକୁ ଧାରଣା ସ୍ଥଳରେ ଅଟକ ରଖାଯାଇଥିଲା। ଅଟକ ଥିବା ଗାଡ଼ିର ଡ୍ରାଇଭରଙ୍କ ପାଇଁ ଖାଇବା ପିଇବା ବ୍ୟବସ୍ଥା ସଙ୍ଘ ପକ୍ଷରୁ କରାଯାଇଥିଲା। ଖବର ପାଇ ଧର୍ମଶାଳା ଅତିରିକ୍ତ ତହସିଲଦାର ଓ ଜେନାପୁର ପୁଲିସ ଧାରଣା ସ୍ଥଳରେ ପହଞ୍ଚି ମାଲିକଙ୍କ ସହିତ ଆଲୋଚନା କରି ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ବନ୍ଧରେ କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତେ ଟ୍ରକ ମାଲିକ ସଂଘକୁ ଡକାଇ ଏକ ବୈଠକ କରାଇବା ପାଇଁ ସମସ୍ତ ସଙ୍ଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଅପରାହ୍ନରେ ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ପାରି ନ ଥିବା ବ୍ରାହ୍ମଣୀ ବ୍ରିଜ ଟ୍ରକ ମାଲିକ ସଙ୍ଘ ପକ୍ଷରୁ ସୂଚନା ମିଳିଛି। ଏହି ଧାରଣା ପୂର୍ବ ଭଳି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ବାସ୍ତୁବିତ୍‌ଙ୍କୁ ସିଦ୍ଧାର୍ଥ ଶିରୋମଣି ସମ୍ମାନ




**ବାଲିଚନ୍ଦ୍ରପୁର, ୯।୧(ସମିସ):** ବଡ଼ଚଣା ବ୍ଲକ ତଥା ଚାରିନଙ୍ଗଳ ପଞ୍ଚାୟତ ଅନ୍ତର୍ଗତ ଚାରିନଙ୍ଗଳ ପୀରପାଟଣା ଗ୍ରାମର ଯୁବ ବାସ୍ତୁବିତ୍ ପବିତ୍ର କୁମାର ମହାରଣାଙ୍କୁ 'ସିଦ୍ଧାର୍ଥ ଶିରୋମଣି ସମ୍ମାନ' ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥ ଭୃଗୁ ଜ୍ୟୋତିଷ ସଂସ୍ଥା ପକ୍ଷରୁ ଆୟୋଜିତ ଏସିଆନ ଆଷ୍ଟ୍ରୋଲୋଜି କନଫରେନ୍ସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନେପାଳର ମହେନ୍ଦ୍ରନାଥ ମୁଦ୍ରାଜୀ ଯୋଗଦେଇ ବାସ୍ତୁବିତ ପବିତ୍ର ମହାରଣାଙ୍କୁ ମାନପତ୍ର, ଉତ୍ତରୀୟ ଓ ସିଲ୍ ପ୍ରଦାନ ପୂର୍ବକ ଏହି ସମ୍ମାନ ପ୍ରଦାନ କରିଥିଲେ। ଏଥିରେ ଅଧ୍ୟକ୍ଷତା କରିଥିଲେ ଭୃଗୁ ଜ୍ୟୋତିଷ ସଂସ୍ଥାର ମୁଖ୍ୟ ଶ୍ରୀଧର ଆଚାର୍ଯ୍ୟ। ଏହି ସମ୍ମାନରେ ଭୂଷିତ ପବିତ୍ର ମହାରଣାଙ୍କୁ ଗୁରୁଦତ୍ତ ମହାପ୍ରସାଦ ସାହୁ, ଉମେଶ ମହାରଣା, ଚିରଞ୍ଜୀବି ସାହୁ, ଅଶୋକ ଦାସ ଓ ତାପସ ପୃଷ୍ଟିଙ୍କ ସମେତ ବଡ଼ଚଣାର ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦ ଜ୍ଞାପନ କରାଯାଇଛି।

## ଟୁଙ୍ଗେଇଶୁଣି ଏସ୍‌ଏସ୍ କ୍ଲବ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଟମକା, ୯।୧(ସମିସ):** ଟମକା ଥାନା ଅନ୍ତର୍ଗତ କିଆଝର ପଞ୍ଚାୟତ ଟୁଙ୍ଗେଇଶୁଣି ଏସ୍‌ଏସ କ୍ଲବ୍ ଆନୁକୂଲ୍ୟରେ ଷଷ୍ଠ ବାର୍ଷିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଟମକା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିବା ସହ ଖେଳ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳରେ ଭାଇଚାରା ସୃଷ୍ଟି କରିବା ଦିଗରେ କ୍ଲବ୍‌ର ଉଦ୍ୟମକୁ ପ୍ରଶଂସା କରିଥଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ମହାଗିରି ପ୍ରେସ୍ କ୍ଲବ୍‌ର ସାଧାରଣ ସମ୍ପାଦକ ମଳୟ ରାଉତ, ଅବତାର ଅଲ୍ଲୀ, ନରୋତ୍ତମ ବେହେରା, ଅଜୟ ଦେହୁରୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ଲବ୍ ପକ୍ଷରୁ ସଭାପତି ସମୀର ପିଙ୍ଗୁଆ, ସମ୍ପାଦକ ନିର ଚାତାର, ସଭ୍ୟ ଗମିଆଁ ହେମ୍ବ୍ରମ୍, ରାମ ହେମ୍ବ୍ରମ୍, କୀର୍ତ୍ତନ ମାରାଣ୍ଡି, ଦୁର୍ଗା ହେମ୍ବ୍ରମ୍ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଞ୍ଚଳର ୩୨ଟି ଦଳ ଭାଗ ନେଇଥିବାବେଳେ ଶନିବାର ଫାଇନାଲ୍ ମ୍ୟାଚ୍ ଖେଳାଯିବ।

### ପାଣିକୋଇଲି ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## ଗୋଟିପୁଅ ନୃତ୍ୟରେ ଦର୍ଶକ ବିଭୋର

**ପାଣିକୋଇଲି, ୯।୧ (ସମିସ)**



ପାଣିକୋଇଲି ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଆଶାତିତ ଭିଡ଼ ପରିଲକ୍ଷିତ ହୋଇଥିଲା। ମୀନାବଜାର, ବିଭିନ୍ନ ଦୋଳି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ତେବେ ଗୋଟିପୁଅ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ଏ ଅବସରରେ ଆୟୋଜିତ ସଭାରେ କମିଟିର ସଭାପତି ରାକେଶ କୁମାର ସାହୁଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁରର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ଚତୁର୍ଥ ସନ୍ଧ୍ୟାର ମଞ୍ଚକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ନଳିନୀପ୍ରଭା ଜେନା, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, ଜିଲ୍ଲା ବିଜେଡି ମହିଳା ସଭାପତି ସବିତା ରାଉତ, ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, ପାଣିକୋଇଲି ସମିତିସଭ୍ୟା ସୁଜାତା ଘଡ଼ାଇ, ପଥରପଦା ସରପଞ୍ଚ ମଧୁସ୍ମିତା ବାରିକ, ସମିତିସଭ୍ୟା ସରସ୍ୱତୀ ସ୍ୱାଇଁ, ଯୁବନେତା ସ୍ୱପ୍ନାନନ୍ଦ ଦାସ, ୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଉମାକାନ୍ତ ମାଝୀ ପ୍ରମୁଖ ଯୋଗଦେଇଥିଲେ। ରୁଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଗୋଟିପୁଅ ନାଚରେ ଦର୍ଶକ ବିମୁଗ୍ଧ ହୋଇଥିଲେ। ପରେ ଆଞ୍ଚଳିକ ଅର୍କେଷ୍ଟ୍ରା ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହୋତ୍ସବ କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିଶା କାରବାର ରୋକିବାକୁ ଜିଲ୍ଲାପାଳଙ୍କୁ ଭେଟିଲେ କଂଗ୍ରେସ ନେତା

**ଯାଜପୁର, ୯।୧(ସମିସ):** ଯାଜପୁର ଜିଲ୍ଲାର ଦଶରଥପୁର ଓ ମଙ୍ଗଳବାର ଥାନା ଅଞ୍ଚଳରେ ବ୍ରାଉନସୁଗର ଅବାଧ ଭାବେ କାରବାର ଚାଲିଛି। ବେକାର ଯୁବକଙ୍କଠାରୁ ଆରମ୍ଭ କରି ଅର୍ଦ୍ଧଶିକ୍ଷିତ, ଶ୍ରମିକ, କଲେଜ ଓ ହାଇସ୍କୁଲ ଛାତ୍ର ଏହି ନିଶା କବଳରେ ପଡ଼ି ପରିବାର ପାଇଁ ବୋଝ ପାଲଟିଯାଉଛନ୍ତି। ଏହି ମାରାତ୍ମକ ନିଶା ସେବନ ନିମନ୍ତେ ଅର୍ଥ ଯୋଗାଡ଼ ପାଇଁ ନିଶା କବଳିତ ଯୁବକ



ଅପରାଧ କରୁଛନ୍ତି। ଏହି ନିଶା କାରବାର ରୋକିବା ପାଇଁ ଯେତେ ବେଳେ ଏହି ବିଭାଗର ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଏ, ସେତେବେଳେ କର୍ମଚାରୀ ଗାଡ଼ି ଅଭାବର ଆଳଦେଖାଇ ଦାୟିତ୍ୱ ଖସାଇ ଦେଇଥା'ନ୍ତି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୁଲିସ ମୁଖ୍ୟ ଯଦି ଏହାକୁ ରୋକିବାକୁ ଆଗେଇ ଆସିବେନାହିଁ, ସମୟ ଆସିବ ଆଇନଶୃଙ୍ଖଳାର ଏଭଳି ଚରମ ଅଧୋଗତି ଘଟିବ ଯେ ତାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଉକ୍ତ ନିଶା କାରବାର ରୋକାଯିବାକୁ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଦାବି କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ଭରତ ଚନ୍ଦ୍ର ପରିଡ଼ା, ଚନ୍ଦ୍ରଶେଖର ସାହୁ, ଅନନ୍ତ ଜେନା, ଛାତ୍ର ନେତା ରାଜୀବ ମଲିକ ପ୍ରମୁଖ ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀଙ୍କୁ ସାକ୍ଷାତ କରି ଅଭିଯୋଗ କରିଥିବା ଜଣାପଡ଼ିଛି।

## ବ୍ୟବସାୟୀଙ୍କ ସହ ଥାନାଧିକାରୀଙ୍କ ଆଲୋଚନା

**ବନ୍ତ/ଆଗରପଡ଼ା, ୯।୧(ସମିସ):** ଆଗରପଡ଼ା ଥାନାଧିକାରୀ ଶ୍ରୀକାନ୍ତ ପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଇଲେଭେନ ଷ୍ଟାର କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆହୂତ ବୈଠକରେ ସ୍ଥାନୀୟ ଅଞ୍ଚଳର ସୁନା ଓ ରୂପା ବ୍ୟବସାୟୀ ସାମିଲ ରହି ନିଜ ନିଜ ବ୍ୟବସାୟ ପ୍ରତିଷ୍ଠାନର ସୁରକ୍ଷା ପାଇଁ ଆଲୋଚନା କରିଥିଲେ। ପ୍ରତି ପ୍ରତିଷ୍ଠାନରେ ସିସି କ୍ୟାମେରା ଲଗାଇବା ଦରକାର। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଘଣ୍ଟା କିମ୍ବା ସାଇରନ ପରି ବ୍ୟବସ୍ଥା ରହିବା ଉଚିତ ଓ ତୁରନ୍ତ ଥାନାକୁ ଖବର ଦିଆଯିବା ଉଚିତ ବୋଲି ଥାନାଧିକାରୀ ପରାମର୍ଶ ଦେଇଥିଲେ। ବିଭିନ୍ନ ସ୍ଥାନରେ ଦୁର୍ବୃତ୍ତମାନେ ବିଶେଷକରି ସୁନା ଦେକାନ ଗୁଡ଼ିକୁ ଟାର୍ଗେଟ କରୁଛନ୍ତି। ତେଣୁ ଏଠାରେ କୌଣସି କିଛି ଅଘଟଣ ଘଟିବା ପୂର୍ବରୁ ଆମକୁ ସତର୍କତା ରହିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ପ୍ରାକ୍ତନ ସରପଞ୍ଚ ରବିନାରାୟଣ ମହାନ୍ତି, ସରପଞ୍ଚ ପ୍ରକାଶ ବିଶ୍ୱାଳ, ଯୁବନେତା ସତ୍ୟସାଧନ ବେଜ, ଦିପକ ମହାନ୍ତି, ବିଜ୍ଞାନଭୂଷଣ ମହାନ୍ତି, ମାନବାଧିକାର ମିଶନ ମିଡିଆସେଲ ରାଜ୍ୟ ସମ୍ପାଦକ ନିରୋଜ ଆଇଚ, ଅଶୋକ ପରିଡ଼ା, ଗୋପାଳ ଦାଶଙ୍କ ସମେତ ବ୍ୟବସାୟୀ ଅଶୋକ ରଣା, ରବୀନ୍ଦ୍ର ସାହୁ, ସନାତନ ସାହୁ, ସରୋଜ ସାହୁ, କମଳାକାନ୍ତ ସାହୁ, ବିଷ୍ଣୁ ସାହୁ, କାହ୍ନୁ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବନବିହାରୀ ବିଦ୍ୟାଳୟ କ୍ରୀଡ଼ା ଉତ୍ସବ

**ବନ୍ତ/ଆଗରପଡ଼ା, ୯।୧(ସମିସ):** ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପଧାନପଡ଼ା ପଞ୍ଚାୟତର ବନବିହାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଜୟ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯାକତ ଅଲ୍ଲୀ, ଲକ୍ଷ୍ମୀଧର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ଉପଯୁକ୍ତ ଭାବେ ପାଠ ପଢ଼ାସହ ସୁସ୍ଥ ଓ ନୀରାମୟ ଜୀବନ ପାଇଁ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋକପାତ କରିଥିଲେ। କ୍ରୀଡ଼ା ଶିକ୍ଷକ ଆଖାରୁଦ୍ଦିନ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟ ଶିକ୍ଷକ/ଶିକ୍ଷିକା ଓ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା ସହଯୋଗ କରିଥିଲେ।



### ମନଜାଣି ଫଳ ଦିଅନ୍ତି ମା’

# ସୌନ୍ଦର୍ଯ୍ୟକରଣ ଅପେକ୍ଷାରେ ମା’ କାଳିତ୍ରା ପୀଠ



**ବାରିକପୁର, ୯।୧(ସମିସ)**

ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ନିକଟ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ କେଉଁ ଆବାହମାନ କାଳରୁ ମା’କାଳିତ୍ରା ପୂଜା ପାଉଛନ୍ତି। ମା’ଙ୍କ ନିକଟରେ ମଥା ନୁଆଁଇଦେଲେ ଭକ୍ତ ମାନଙ୍କ ମାନସିକ ପୂରଣ ହୋଇଥାଏ। ଶ୍ରଦ୍ଧାଳୁଙ୍କ ମନଜାଣି ମା’ଫଳ ଦିଅନ୍ତି। ଆଖପାଖ ଅଞ୍ଚଳ ସହିତ ଅନେକ ଦୂରଦୂରାନ୍ତରୁ ଭକ୍ତ ମାନେ ମା’ଙ୍କ ଦର୍ଶନ ପାଇଁ ଧାଇଁ ଆସନ୍ତି। ଖୋଲା ଆକାଶ ତଳେ ବଣ ଜଙ୍ଗଲ ଘେରା ଭିତରେ ମା’ ଦୀର୍ଘ ଦିନ ଧରି ପୂଜା ପାଇବା ସହିତ ପୀଠଟି ଅବହେଳିତ ଅବସ୍ଥାରେ ରହିଥିଲା। ପ୍ରତ୍ୟେକ ଦିନ ପୀଠରେ ଭକ୍ତଙ୍କ ସମାଗମ ହେଉଥିବା ବେଳେ ବାର୍ଷିକ ଉତ୍ସବ ଭାବେ ମକର ସଂକ୍ରାନ୍ତି ଓ ମହାଶିବରାତ୍ରି ବେଶ ଧୁମଧାମରେ ଅନୁଷ୍ଠିତ ହୋଇଥାଏ। ନିକଟ ବହୁଦରଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁକୁନ୍ଦଦେବ ସାମଲଙ୍କ ନେତୃତ୍ୱରେ ଗ୍ରାମବାସୀ ୨୦୧୯ ମସିହାରେ ପ୍ରଥମେ ପୁରାତନ ଏହି ଶକ୍ତି ପୀଠର ଉନ୍ନତି ପାଇଁ ପରିକଳ୍ପନା କରିଥିଲେ। ତତ୍କାଳୀନ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ସହିତ ଆଲୋଚନା ପରେ ପୀଠ ପାଇଁ ଟ୍ରଷ୍ଟ ଗଠନ ହୋଇଥିଲା। ପରବର୍ତ୍ତୀ ସମୟରେ ସାଂସଦ ଓ ବିଧାୟକଙ୍କ ସ୍ୱତନ୍ତ୍ର ଅନୁଦାନ ଅର୍ଥ ସହିତ ପଞ୍ଚାୟତ ପାଣ୍ଠିରୁ ଅର୍ଥ ବ୍ୟୟ ହୋଇ ପୀଠ ଭିତ୍ତିଭୂମିର କେତେକାଂଶରେ ଆଖିଦୃଶିଆ ବିକାଶ ହୋଇଛି। ମା’ଙ୍କ ମନ୍ଦିର ନିର୍ମାଣ ସହିତ, ପାର୍ଶ୍ୱରେ କଲ୍ୟାଣ ମଣ୍ଡପ, ମୁଖ୍ୟ ଫାଟକ, ପୁଷ୍କରିଣୀ, ଶିଶୁ ଉଦ୍ୟାନ, ରୋଷେଇ ଘର ଆଦି ନିର୍ମିତ ହୋଇଛି। ଏହାସତ୍ତ୍ୱେ ପୀଠରେ ଅନେକ କିଛି କାର୍ଯ୍ୟ ବାକି ରହିଛି। ଅତ୍ୟାଧୁନିକ ସୌନ୍ଦର୍ଯ୍ୟକରଣ ବିନା ମା’ଙ୍କ ପୀଠ ଖାଁ ଖାଁ ଲାଗୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ପୀଠରେ ଅନେକ କିଛି କାର୍ଯ୍ୟ ସହିତ ଏହାର ସର୍ବାଙ୍ଗୀନ ବିକାଶ ପାଇଁ ମତପ୍ରକାଶ ପାଇଛି।

### ସେମାନେ ଯାହା କୁହନ୍ତି...



ମନ୍ଦିର ଭିତରେ ମା’ଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପୋଖରୀ ଚାରିପଟେ ପେବର ଇଟା ନିର୍ମାଣ ସହିତ ପାଚେରି ନିର୍ମାଣ ଓ ପୀଠକୁ ଅତ୍ୟାଧୁନିକ ଆଲୋକ ମାଳାରେ ସଜେଇବା ନିହାତି ଆବଶ୍ୟକ ହୋଇଛି। ଏହାଛଡା ପାଇପ୍ ପାଣି ଯୋଗାଣ ବ୍ୟବସ୍ଥା ମଧ୍ୟ ଜରୁରୀ ଅଟେ। ଏନେଇ ଭଦ୍ରକ ସାଂସଦ ଓ ବିଧାୟକଙ୍କ ସମେତ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି।

**-ଅନିରୁଦ୍ଧ ଜେନା, ଟ୍ରଷ୍ଟି**



ମୁଁ ବାହାଘର ପରେ ୨୦୧୫ ମସିହାରେ ପ୍ରଥମେ ମା’ଙ୍କୁ ଦର୍ଶନ କରିଥିଲି। ସେତେବେଳେ ମା’ ଖୋଲା ଆକାଶ ତଳେ ଏକ ବୃକ୍ଷ ମୂଳରେ ପୂଜା ପାଉଥିଲେ। ମା’ଙ୍କ କୃପାରୁ ମୋର ମାନସିକ ପୂରଣ ହୋଇଛି। ମନଜାଣି ମା’ ବର ଦିଅନ୍ତି। ଆଗ ଅପେକ୍ଷା କାଳିତ୍ରା ପୀଠରେ ଢେର ଉନ୍ନତି ହୋଇଛି। କିନ୍ତୁ ଆଉ କିଛି ଅତ୍ୟାଧୁନିକ ସୌନ୍ଦର୍ଯ୍ୟକରଣ ଆବଶ୍ୟକ।

**-ନିରୂପମା ଲେଙ୍କା, ଭକ୍ତ**

ପୀଠରେ ବିଭିନ୍ନ ଉତ୍ସବ ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ସ୍ଥାୟୀ ମଞ୍ଚ ନିର୍ମାଣ ଜରୁରୀ ଅଟେ। ଏହାଛଡା ଲୋକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଖନନ ହୋଇଥିବା ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଅତ୍ୟାଧୁନିକ ନିର୍ମାଣ କାର୍ଯ୍ୟ ହେବା ନିହାତି ଆବଶ୍ୟକ।

**-ସତ୍ୟାଂଶୁ ରାଉତ, ସ୍ଥାନୀୟ ଶ୍ରଦ୍ଧାଳୁ**



ପୀଠରେ ଆମେ ବର୍ଷାନୁକ୍ରମିକ ସେବା କରିଆସୁଛୁ। ମା’କାଳିତ୍ରା ସାକ୍ଷାତ ଦେବୀ ସ୍ୱରୂପା ଅଟନ୍ତି। ଭକ୍ତଙ୍କ ଭାବରେ ମା’ ବନ୍ଧା ହୋଇଛନ୍ତି। ମା’ଙ୍କର ଏକ ନିର୍ମିତ ପାଇଁ କର୍ମକର୍ତ୍ତା ମାନେ ପ୍ରସ୍ତୁତ ଚଳାଇଛନ୍ତି। ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେବା ପରେ ମନ୍ଦିର ଭିତରେ ସୌନ୍ଦର୍ଯ୍ୟ ବଢ଼ିଯିବ।

**-ହିରାମଣୀ ପଣ୍ଡା, ସେବାକାରୀ**

## ବାଲିଘାଟ ଗଡ଼ା ନଦୀ ବନ୍ଧ ପ୍ରତି ବିପଦ



**ଦୋବଲ, ୯।୧(ସମିସ):** ଧାମନଗର ତହସିଲ ଅଧୀନ ଆନନ୍ଦପୁର ଓ ଭଣ୍ଡାରିପୋଖରୀ ତହସିଲ ବିରୋଳି ରାଜସ୍ୱ ମୌଜାର ସୀମା ଝାଡ଼େଶ୍ୱର ମନ୍ଦିର ପାଖରେ ବୈତରଣୀ ନଦୀରୁ ବେଧଡ଼କ ବାଲି ଚୋରି ହେଉଅଛି। ଆନନ୍ଦପୁର ପଞ୍ଚାୟତର ୨୫ରୁ ଅଧିକ ଗାଡ଼ି ମାଲିକ ମିଳିତ ଭାବେ ଗଡ଼ା କରି ବାଲି ଉଠାଉଛନ୍ତି। ସ୍ଥାନୀୟ ବାବୁସାହିର ଜଣେ ଗାଡ଼ି ମାଲିକ ନିଜ ଡୋଜରରେ ଏହି ଘାଟରେ ପଶି ବାଲି ଠୁଳ କରୁଛି। ଅପରାହ୍ଣରୁ ବିଳମ୍ବିତ ରାତିଯାଏ ଡୋଜରରେ ବାଲି ତାଡ଼ି ଠୁଳ କରୁଛନ୍ତି। ପୁଣି ପାହାନ୍ତିଆରୁ ଅନ୍ୟ ଗାଡ଼ି ମାଲିକମାନେ ନିଜ ନିଜ ଟ୍ରାକ୍ଟର ଓ ମିନି ଟ୍ରକରେ ବାଲି ବୋହୁଛନ୍ତି। ପ୍ରତ୍ୟେକ ଦିନ ଜଣେ ଟ୍ରାକ୍ଟର ମାଲିକ ନିଜ ଟ୍ରାକ୍ଟରରେ ୫ ଟ୍ରିପ ବାଲି ଚୋରି କରୁଛନ୍ତି। ନଈରୁ ବାଲି ଆଣି ନିଜ ନିଜ ବାଡ଼ିରେ ଷ୍ଟକ କରୁଛନ୍ତି। ଆଉ କେହି କେହି ବରାଦ ଅନୁସାରେ ବାଲି ବିକ୍ରି କରୁଛନ୍ତି। ପାଣି ଶୁଖିନଥିଲେ ବି ଗାଡ଼ି ମାଲିକ ଡୋଜର ପୂରାଇ ବାଲି ଠୁଳ କରୁଛନ୍ତି। ସେ ବାବଦରେ ଗୋଟିଏ ଟ୍ରିପକୁ ସେ ୧୦୦ ଟଙ୍କା ନେଉଛନ୍ତି। ତା ପରେ ସ୍ଥାନୀୟ ଶ୍ରମିକମାନେ ୧୫୦ ଟଙ୍କା ନେଇ ବାଲି ଲୋଡିଂ କରୁଛନ୍ତି। ଖାଲି ସ୍ଥାନୀୟ ଗାଡ଼ି ନୁହଁ, ଏମାନଙ୍କ ମଧ୍ୟରୁ କିଛି ଗାଡ଼ି ମାଲିକ ଘାଟରୁ ବାଲି ଉଠାଇ ପାଖ ଶ୍ମଶାନରେ ଠୁଳ କରୁଛନ୍ତି। ସେଠାରୁ ହାଇୱା ଯୋଗେ ବାହାରକୁ ବାଲି ଚାଲାଣ କରୁଛନ୍ତି। ଏବେ ଏଠାରୁ ପ୍ରତିଦିନ ୪ରୁ ୫ଟି ହାଇୱା ବାଲି ଲୋଡିଂ କରି ଚାଲାଣ କରୁଛନ୍ତି। ସେହିପରି ଭଣ୍ଡାରିପୋଖରୀ ତହସିଲର ଦାଣ୍ଡକୂଳ ଓ ସଠଗାଁ ପାଖରେ ଗେଙ୍ଗୁଟି ନଦୀରୁ ବାଲି ଚୋରି ହେଉଛି। ଦାଣ୍ଡକୂଳ ଓ ବିରୋଳିର ୪ ଯୁବକ ଡୋଜର ଲଗାଇ ବାଲି ତାଡୁଛନ୍ତି। ନିଜ ନିଜ ପାଳରେ ଗଦା କରୁଛନ୍ତି। ତା ପରେ ହାଇୱା ଯୋଗେ ବାହାରକୁ ବାଲି ପଠାଯାଉଛି। ବାଲି ବୋଝେଇ ହାଇୱା ଗୁଡ଼ିକ ଆନନ୍ଦପୁର ଗ୍ରାମ୍ୟ ରାସ୍ତା ଦେଇ ରାତି ତମାମ ଚାଲୁଛି। ଯାହା ଫଳରେ ଗ୍ରାମ୍ୟ ଉନ୍ନୟନ ରାସ୍ତାଟି ଫାଟି ଆଁ କଲାଣି। ଆନନ୍ଦପୁର ଛକ ପାଖରେ କଂକ୍ରିଟ ଫାଟିଗଲାଣି। ବୈତରଣୀ ପୋଲ ଆପ୍ରୋଚ ରୋଡ଼ରେ ଅଟେ ଉଚ୍ଚର ଖାଲ ହୋଇଗଲାଣି। ତା ଛଡ଼ା ଟ୍ରାକ୍ଟରରୁ ବାଲି ଖସି ରାସ୍ତାର ଦୁଇ ଧାରରେ ଜମା ହୋଇଗଲାଣି। ଫଳରେ ସାଇକେଲ ଓ ବାଇକ ଆରୋହୀ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ସୋହଡ଼ା ପଞ୍ଚାୟତ ଓ ଖଡ଼ିପଦା ପଞ୍ଚାୟତ ସୀମା ବାଜିଣିପୁର ପାଖରେ ଆନନ୍ଦପୁର ଜେନାସାହି ଠାରେ ବୈତରଣୀ ନଦୀରୁ ବାଲି ଉଠାଉଛନ୍ତି ଦୁର୍ବୃତ। ଏଠାରେ ଗଡ଼ା କରି ଷେଣ୍ଢପୁର-କଟିକଟା ପୋଲ କଡ଼ରୁ ସ୍ଥାନୀୟ ଲୋକ ବାଲି ଉଠାଇ ବିକ୍ରି କରୁଛନ୍ତି। ଏନେଇ ଗାଁ ଲୋକେ ଧାମନଗର ତହସିଲଦାର ଓ ଥାନା ଅଧିକାରୀଙ୍କୁ ଜଣାଇଥିଲେ ବି ସେମାନେ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଅଭିଯୋଗ ହୋଇଛି। ସେପଟେ ଧାମନଗର ତହସିଲଦାର ଦୀପକ ଦାସ କହିଛନ୍ତି ଯେ କାର୍ଯ୍ୟାନୁଷ୍ଠାନ ପାଇଁ ଭଦ୍ରକ ଜିଲ୍ଲା ଖଣି ବିଭାଗକୁ ଜଣାଇ ଦିଆଯାଇଛି।

## ଥଇଥାନ ନେଇ ବଣିକ ସଂଘ ସହ ପ୍ରଶାସନର ଆଲୋଚନା




**ଭଦ୍ରକ, ୯।୧(ସମିସ):** ଉଠାଦୋକାନୀଙ୍କ ମାନଙ୍କ ଆନ୍ଦୋଳନ ପରେ ଆଜି ସନ୍ଧ୍ୟାରେ ପ୍ରଶାସନ ଓ ବିଭିନ୍ନ ବଣିକ ସଂଘର ପ୍ରତିନିଧିମାନଙ୍କ ଏକ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିଲ୍ଲିପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଥଇଥାନ ନେଇ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲଦାର ସଂଗ୍ରାମ କେଶରୀ ପ୍ରିୟଦର୍ଶନ ଖୁଣ୍ଟିଆ, ଆଡିସନାଲ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ପୌର ନିର୍ବାହୀ ଅଧିକାରୀ ସମୀରରଞ୍ଜନ ଦାଶ ପ୍ରମୁଖଙ୍କ ସହ ବଣିକ ସଂଘ ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ସହରର ସୌନ୍ଦର୍ଯ୍ୟକରଣ ତଥା ପାର୍କିଂ, ଜଳ ନିଷ୍କାସନ, ଟ୍ରାଫିକ ନିୟନ୍ତ୍ରଣ ସହ ଯୋଜନା ବଦ୍ଧଭାବେ ଦୋକାନ ଗୃହ ନିର୍ମାଣ ଆଦି ପାଇଁ ପ୍ରଶାସନ ଦ୍ୱାରା ପ୍ରସ୍ତୁତ ପ୍ଲାନ ଓ ଡିଜାଇନ ରାଜ୍ୟ ସରକାରଙ୍କ ଅନୁମୋଦନ ଲାଗି ପଠାଯାଇଥିବା ସୂଚନା ଦେଇଥିଲେ। ସେହିଭଳି ଏଲଇଡି ମାଧ୍ୟମରେ ପ୍ରସ୍ତୁତ କରାଯାଇଥିବା ପ୍ଲାନ, ଡିଜାଇନ୍‌କୁ ସମସ୍ତଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ଦେଖାଇଥିଲେ। ଆର୍ଥିକ ଅନୁଦାନ ମିଳିବା ପରେ ଉକ୍ତ କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲ୍ଲାପାଳ କହିଥିଲେ। ତେବେ ଉପସ୍ଥିତ ବଣିକ ସଂଘର କର୍ମକର୍ତ୍ତାମାନେ ଏନେଇ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏସବୁ କାର୍ଯ୍ୟକାରୀ ହେବାକୁ ବହୁ ସମୟ ଲାଗିବ ଓ ଉଚ୍ଛେଦରେ ଶିକାର କ୍ଷତିଗ୍ରସ୍ତ ବ୍ୟବସାୟୀମାନଙ୍କ ଆର୍ଥିକ ଦୁର୍ଦ୍ଦଶା ଦ୍ୱିଗୁଣିତ ହେବ ବୋଲି ଯୁକ୍ତି ବାଢିଥିଲେ। କେମିତି କମ ସମୟ ଅବଧିରେ ଯେପରି କ୍ଷତିଗ୍ରସ୍ତ ବ୍ୟବସାୟୀମାନେ ଥଇଥାନ ହେବେ ଓ ନିଜ ପରିବାରକୁ ବଞ୍ଚାଇବେ ସେଦିଗରେ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ମତ ଉପସ୍ଥାପନ କରିଥିଲେ। ବଣିକ ସଂଘର ଏଭଳି ପ୍ରତିକ୍ରିୟାକୁ ନେଇ ଆଜିର ବୈଠକକୁ ସ୍ଥଗିତ ରଖି ଆଉ ଗୋଟିଏ ଦିନ ବୈଠକ ଡକାଇ ଏଦିଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଥିଲେ। ବୈଠକରେ ବଣିକ ସଂଘ ପକ୍ଷରୁ ଶ୍ରମିକନେତା ଦିବ୍ୟସିଂ ନାୟକ, ଗୌରଚନ୍ଦ୍ର ପଣ୍ଡା, ଲାଲା ଜଗଦିଶ ରାୟ, ପୌରାଧ୍ୟକ୍ଷଙ୍କ ପ୍ରତିନିଧି ଜାହିଦ ହବିବ, ଗୋକୁଳି ପାଣ୍ଡବ, କାଉନସିଲର ସାହିଦ ଖାଁ, ପ୍ରାକ୍ତନ କାଉନସିଲର ପଙ୍କଜ ବଳ, ଆଶୀଷ ନାୟକ, ଗଦାଧର ସାହୁ, ଏମଡି ପରବେଜ ଆଲାମ, ବସିର ଖାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ଡିସେମ୍ବର ମାସ ୧୯ତାରିଖରେ ଉଚ୍ଛେଦର ୫ମାସ ପରେ କ୍ଷତିଗ୍ରସ୍ତ ବ୍ୟବସାୟୀ ସଂଘ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛି।

## ‘କାଞ୍ଜିପାଣି’ ପାଇଁ ଗ୍ରାମର ନାମ କାଞ୍ଜିଆପାଳ





**ଦୋବଲ, ୯।୧(ସମିସ):** ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଅନନ୍ୟା ପୂର୍ବରୁ ପ୍ରାଚୀନ ମଠ ଓ ମନ୍ଦିର ଥିଲା ଆଧ୍ୟାତ୍ମିକ ଶକ୍ତି କେନ୍ଦ୍ର ସମୟ ଚକ୍ରରେ ସଂସ୍କୃତି ପ୍ରତି ଲୋକଙ୍କ ମଧ୍ୟରେ ଶ୍ରଦ୍ଧାଭାବ ଦୂରେଇ ଯାଉଛି। ହେଲେ ଆଜି ବି କେତେକ ସ୍ଥାନରେ ପୁରୁଣା ପରମ୍ପରା ବଞ୍ଚି ରହିଥିବା ଦେଖାଦେଇଛି। ଏଭଳି ଏକ ପୀଠ ହେଲା ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳର କାଞ୍ଜିଆପାଳ ମଠ। କେବଳ ମକର ସଂକ୍ରାନ୍ତିରେ ଏଠାରେ ପ୍ରସ୍ତୁତ କରାଯାଉଥିବା ‘କାଞ୍ଜିପାଣି’ ଅସାଧ ପେଟ ରୋଗରୁ ମୁକ୍ତି ଦେଉଥିବାରୁ ଏଥିପାଇଁ ଲୋକଙ୍କ ନାହିଁ ନଥିବା ଭିଡ଼ ଲାଗି ରହିଥାଏ।

ମଠ ପାର୍ଶ୍ୱ ଦେଇ ଗେଙ୍ଗୁଟି ନଦୀ ଯାଇଛି। ସମ୍ମୁଖରେ ଜଗନ୍ନାଥ ମନ୍ଦିର। ମନ୍ଦିର ବେଢ଼ାରେ ସାଧୁ ନାରାୟଣ ଦେବ ପରମହଂସଙ୍କ ପ୍ରତିମୂର୍ତ୍ତି ପୂଜା ପାଉଛନ୍ତି। ତେବେ ଏହି ମଠର ବିଶେଷତ୍ୱ ହେଉଛି ‘କାଞ୍ଜିପାଣି’। କାଞ୍ଜିପାଣି ସେବନ ଦ୍ୱାରା ବହୁ ଅସାଧ ପେଟ ରୋଗରୁ ଉପଶମ ମିଳେ ବୋଲି ଜନଶ୍ରୁତି ରହିଛି। ଏହା ପାଟିକୁ ଖଟା ଲାଗେ, ହେଲେ ପେଟ ରୋଗ ପାଇଁ ଭଲ।

ମଠର ମହନ୍ତ ବାବା ଗୋବିନ୍ଦ ଦାସ କୁହନ୍ତି ପ୍ରାୟ ୪ଶହ ବର୍ଷ ତଳର କଥା। ସେତେବେଳେ କାଞ୍ଜିଆପାଳ ଅଞ୍ଚଳଟି ଏକ ଘଞ୍ଚ ଜଙ୍ଗଲ ସହିତ ବନାଞ୍ଚଳ ଥାଏ। ଏଠାରେ ସାଧୁ ଅରକ୍ଷିତ ଦାସଙ୍କ ଶିଷ୍ୟ ନାରାୟଣ ଦେବ ପରମହଂସ ଦେବ ତପସ୍ୟା କରୁଥିଲେ। ନିକଟସ୍ଥ ଗ୍ରାମର ଗାଈ ଜଗୁଆଳମାନେ ସବୁଦିନ ଏହି ଜଙ୍ଗଲକୁ ଗାଈ ଚରାଇବା ବେଳେ ସାଧୁଙ୍କ ପାଖକୁ ଆସି ପ୍ରସାଦ ସେବକ କରନ୍ତି। ସାଧୁ ଜଣକ ଖାଇସାରିବା ପରେ ବଳକା ଖାଦ୍ୟକୁ ଗୋଟିଏ ମାଟିହାଣ୍ଡିରେ ରଖି ପଖାଳିଥାନ୍ତି। ଦିନେ ଜଣେ ପେଟ ରୋଗୀ ଭୋକରେ ଉହଳ ବିକଳ ହୋଇ ସାଧୁଙ୍କ ନିକଟରେ ଆସି ପହଞ୍ଚିଥିଲେ। ସେହିଦିନ ସାଧୁଙ୍କ ପାଖରେ କିଛି ଖାଦ୍ୟ ନ ଥିବାରୁ ହାଣ୍ଡିରୁ କିଛି ତୋରାଣୀ ଆଣି ପେଟ ରୋଗୀଙ୍କୁ ପିଇବା ପାଇଁ ଦେଇଥିଲେ। କିଛି ସମୟ ପରେ ଭୋକିଲା ଲୋକଟି ପେଟ ରୋଗରୁ ମୁକ୍ତି ପାଇଥିଲା। ସେହିଦିନ ଠାରୁ କାଞ୍ଜିଆପାଳ ମଠର ‘କାଞ୍ଜିପାଣି’ର ମହାତ୍ମ୍ୟ ଚାରିଆଡ଼େ ପ୍ରଚାରିତ ହୋଇଥିଲା। ସେବେଠାରୁ ଶହଶହ ପେଟ ରୋଗୀ ଦୂରଦୂରାନ୍ତରୁ ଆସି ଏହି କାଞ୍ଜିପାଣିକୁ ଅତ୍ୟନ୍ତ ଶ୍ରଦ୍ଧା ଓ ବିଶ୍ୱାସର ସହ ପାନକରି ଅସାଧ ପେଟ ରୋଗରୁ ମୁକ୍ତି ପାଇଥବା ଶୁଣାଯାଏ। ‘କାଞ୍ଜିପାଣି’ର ମାହାତ୍ମ୍ୟ ପାଇଁ ଏହି ଗ୍ରାମର ନାମ କାଞ୍ଜିଆପାଳ ହୋଇଥିବା ଶୁଣାଯାଏ। ଉକ୍ତ ପୀଠର ମୁଖ୍ୟ ପର୍ବ ହେଲା ମକର ସଂକ୍ରାନ୍ତି ବା ମକର ମେଳା ଦୁଇଦିନ ଧରି ମେଳା ଚାଲିଥାଏ। ଦୂରଦୂରାନ୍ତରୁ ଶହଶହ ଲୋକ ମକର ମେଳା ବୁଲିବାକୁ ଆସି କାଞ୍ଜିପାଣି, ମକର ପୋଡପିଠା ମଠରୁ ଖାଇ ଫେରିଥାନ୍ତି। ମକର ସଂକ୍ରାନ୍ତି ମେଳା ପାଇଁ ସମ୍ପୃକ୍ତ ଅଞ୍ଚଳ ଉତ୍ସବ ମୁଖର ହୋଇଥାଏ।

### ଭୂତ ଛଡ଼ାଉଛି ଇ-କେୱାଇସି ବ୍ୟବସ୍ଥା

## ବର୍ଷେରୁ ଉର୍ଦ୍ଧ୍ୱ ୧୧ଭୂତ ଖାଉଛନ୍ତି ରାସନ

**ବନ୍ତ/ଆଗରପଡ଼ା, ୯।୧(ସମିସ)**

ବନ୍ତ ବ୍ଲକ ବଡ଼ହାଟ ତ୍ରିଲୋଚନପୁର ପଞ୍ଚାୟତରେ ଭୂତ ରାସନ ଖାଉଥିବା ଅଭିଯୋଗ ଆସିବା ପରେ ବ୍ଲକ ଉନ୍ନୟନ ଅଧିକାରୀ ଏହାର ତଦନ୍ତ ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏହାର ତଦନ୍ତ କରି ବିଡିଓ ପରଲୋକ ଘଟିଥିବା ୫୧ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୧ ଜଣ ବ୍ୟକ୍ତି ରାସନ ପାଉଥିବା ସୂଚନା ପ୍ରଦାନ କରିବା ସହ ସରକାରୀ ନିୟମାନୁସାରେ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପ୍ରକାଶ କରିଥିଲେ।

ସୂଚନା ଅଧିକାର କର୍ମୀ ବିକାଶ ଧଳଙ୍କ ଅଭିଯୋଗ ଅନୁଯାୟୀ; ଗତ ୨୦୨୩ ମସିହା ଜାନୁଆରୀ ପହିଲା ଠାରୁ ୨୦୨୪ ମସିହା ନଭେମ୍ବର ମାସ ୧୬ ତାରିଖ ପର୍ଯ୍ୟନ୍ତ ଉକ୍ତ ପଞ୍ଚାୟତରେ ୫୧ ଜଣ ବ୍ୟକ୍ତିଙ୍କ ପରଲୋକ ଘଟିଛି। ପରଲୋକ ଘଟିବା ପରେ ଉକ୍ତ ପରିବାରକୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ହରିଶ୍ଚନ୍ଦ୍ର ଯୋଜନାରେ ସାମିଲ କରାଯାଇ ସହାୟତା ରାଶି ପ୍ରଦାନ କରାଯାଇଛି। କିନ୍ତୁ ୫୧ଜଣ ମୃତ ବ୍ୟକ୍ତିଙ୍କ ପରିବାର ମଧ୍ୟରୁ ବହୁ ପରିବାର ଆଜି ବି ରାସନ ତାଲିକାରୁ ମୃତକଙ୍କ ନାମକୁ ବାଦ ନକରି ତଞ୍ଚକତା କରି ରାସନ ସାମଗ୍ରୀ ହାତଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଥିଲା। ଏହା ଜଣାପଡ଼ିବା ପରେ ସୂଚନା କର୍ମୀ ଶ୍ରୀ ଧଳ ୫୧ ଜଣ ମୃତକଙ୍କ ତାଲିକା ସହିତ ଏହାର ସତ୍ୟତା ପାଇଁ ବିଡିଓଙ୍କ ଠାରେ ଲିଖିତ ଅଭିଯୋଗ ଆଣିଥିଲେ। ସୂଚନା ଅଧିକାର ଆଇନ ବଳରେ ଏହାର ସବିଶେଷ ତଥ୍ୟ ମାଗିଥିଲେ। ବିଡିଓ ତାଙ୍କ ଅଭିଯୋଗକୁ ଗ୍ରହଣ କରି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୯୦୭/୧୨-୧୨-୨୪ରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବନ୍ତ ବ୍ଲକରେ ବର୍ତ୍ତମାନ ସୁଦ୍ଧା ବହୁ ହିତାଧିକାରୀ ଇ-କେୱାଇସି କରିନଥିବାରୁ ଏହା ଭିତରେ ମୃତ ବ୍ୟକ୍ତି ମଧ୍ୟ ସାମିଲ ଥିବେ। ତେଣୁ ତଞ୍ଚକତା କରି ରାସନ ହାତଉଥିବା ପରିବାରଙ୍କୁ ତଦନ୍ତ ପରିସରଭୁକ୍ତ କରି ପ୍ରକୃତ ହିତାଧିକାରୀ ଯେପରି ରାସନ ପାଇବାରୁ ବଞ୍ଚିତ ନ ହୁଅନ୍ତି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତଦନ୍ତ ବେଳେ ସେଥିପ୍ରତି ଧ୍ୟାନ ଦେବା ସହ ତଦନ୍ତରେ ସ୍ୱଚ୍ଛତା ଆଣିବା ପାଇଁ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରେ ଦାବି ହୋଇଥିଲା।

ବିଡ଼ିଓ ଗତ ୮ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୮୧/୮-୧-୨୫ରେ ପ୍ରଦାନ କରିଥିବା ସୂଚନା ଅନୁଯାୟୀ ବ୍ଲକ ଯୋଗାଣ ଅଧିକାରିଣୀ ଶ୍ରଦ୍ଧାଞ୍ଜଳୀ ମଲ୍ଲିକଙ୍କ ଅଭିଯୋଗର ତଦନ୍ତ ମୁତାବକ ମୃତ ୫୧ଜଣ ବ୍ୟକ୍ତିଙ୍କ ମଧ୍ୟରୁ ୩୯ଜଣଙ୍କ ନାମକୁ ହିତାଧିକାରୀ ତାଲିକାରୁ ବାଦ କରାଯାଇଥିବା ବେଳେ ଜଣେ ମୃତକଙ୍କ ନାମରେ ହାତଉଥିବା ରାସନସାମଗ୍ରୀ ବଣ୍ଟନ ଉପରେ ରୋକ୍ ଲଗାଯାଇଥିବା ବେଳେ ଅନ୍ୟ ୧୧ଜଣଙ୍କୁ ଚିହ୍ନଟ କରାଯାଇସାରିଛି। ବର୍ତ୍ତମାନ ଇ-କେୱାଇସି ପ୍ରକ୍ରିୟା ଚାଲୁ ରହିଥିବାରୁ ଖୁବ୍‌ଶୀଘ୍ର ସେମାନଙ୍କ ନାମକୁ ହିତାଧିକାରୀ ତାଲିକାରୁ ବାଦ ଦେବାର ସୂଚନା ଜନସୂଚନା ଅଧିକାରୀ, ବନ୍ତଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି। ଯୋଗାଣ ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ମଲ୍ଲିକଙ୍କ ସୂଚନା ଅନୁଯାୟୀ; ରଘୁନାଥ ପୁହାଣ (ମୃତ୍ୟୁ ତାରିଖ ୮-୧୦-୨୪, ହଳଦିପହଣୀ), ମିନତି ସିଂହ (ବିଟିପୁର, ୧୭-୬.୨୪), ହାଉଡ଼ି ପୁହାଣ (ହଳଦିପହଣୀ, ୨୮-୬-୨୩), ଭଗବାନ ବାରିକ (ରାଉତରାପୁର, ୬-୮-୨୪), ସାତନ ବାରିକ (ପାଟକନା, ୧୨-୨-୨୪), ଅଖୁନ ଡାଙ୍ଗୁଆ (ରାଉତରାପୁର ୧୫-୧୦-୨୪), ରମେଶ ବାରିକ (ରାଉତରାପୁର ୧-୧୧-୨୪), ଭବାନୀ ବିନ୍ଧାଣୀ (ରାଉତରାପୁର ୯-୫-୨୩), ଗଣେଶ ଦେହୁରୀ (ରାଉତରାପୁର, ୧୦-୧୧-୨୩), କୈଳାସ ପାତ୍ର (ରାଉତରାପୁର, ୨୨-୪-୨୪), ଚକ୍ରଧର ଘଡ଼େଇ (ପାଟକନା୨୦-୯-୨୩)। ଏହି ମୃତ ବ୍ୟକ୍ତିଙ୍କ ନାମରେ ବର୍ଷାଧିକ କାଳ ରାସନ ଉଠାଣ ହେଉଥିବା ବେଳେ ପ୍ରକୃତରେ ପରିବାର ବର୍ଗଙ୍କ ଜାଣତରେ ଏହା ହେଉଥିଲା ନା ଯୋଗାଣ ସହାୟକ ତଞ୍ଚକତା କରି ତାକୁ ହଡ଼ପ୍ କରୁଥିଲେ ତାହା ବର୍ତ୍ତମାନ ତଦନ୍ତ ପରିସରଭୁକ୍ତ। ସରକାର ରାସନ ବଣ୍ଟନରେ ସ୍ୱଚ୍ଛତା ଆଣିବା ପାଇଁ ଏବଂ ପ୍ରକୃତ ହିତାଧିକାରୀ ରାସନ ପାଇବାରୁ ବଞ୍ଚିତ ନ ହେବା ପାଇଁ ଇ-କେୱାଇସିକୁ ବାଧ୍ୟତା ମୂଳକ କରିଛନ୍ତି। ଉକ୍ତ ପ୍ରକ୍ରିୟା ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହେବାରେ ସହାୟକ ମଧ୍ୟ ହୋଇଛି। ବିଟିପୁର ପଞ୍ଚାୟତରେ ୫୧ ଜଣ ମୃତକଙ୍କ ମଧ୍ୟରୁ ୩୯ ଜଣଙ୍କ ନାମକୁ କଟାଯାଇଥିବା ବେଳେ ଉକ୍ତ ପ୍ରକ୍ରିୟାରେ ଅନ୍ୟ ୧୧ଜଣଙ୍କ ନାମକୁ କଟାଯିବାର ସୂଚନା ମଧ୍ୟ ମିଳିଛି। ବନ୍ତ ବ୍ଲକର ଅନ୍ୟ ପଞ୍ଚାୟତରେ ମଧ୍ୟ ଏହିପରି ହୋଇଛି। ଇ-କେୱାଇସି ଯାଞ୍ଚ ପ୍ରକ୍ରିୟାରେ ଏହି ସବୁ ଭୂତକୁ ଛଡ଼ାଇବବ ବୋଲି ଆଶା ରହିଛି। ତେବେ ଗତ ଇ-କେୱାଇସି ବ୍ୟବସ୍ଥା ଲାଗୁହେବାର ୪ମାସରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇପାରୁନାହିଁ। ଯାହାକି ନୂତନ କାର୍ଡ଼ ବଣ୍ଟନରେ ଆଶଙ୍କା ସୃଷ୍ଟି କରୁଛି।

### ଦିବ୍ୟାଙ୍ଗ ହେବେ ସ୍ୱାବଲମ୍ବୀ

## ଜିଲ୍ଲାକୁ ଆସିଲା ୧୭ ଇ-ରିକ୍ସା



**ଭଦ୍ରକ, ୯।୧(ସମିସ):** ଦିବ୍ୟାଙ୍ଗମାନଙ୍କୁ ଆତ୍ମରୋଜଗାରକ୍ଷମ କରିବା ଓ ସେମାନଙ୍କ ପରିବାର ପ୍ରତିପୋଷଣ ପାଇଁ ସରକାରଙ୍କ ତରଫରୁ ଇ-ରିକ୍ସା ସବୁ ଜିଲ୍ଲାମାନଙ୍କୁ ଯୋଗାଇ ଦିଆଯାଇଛି। ଆଜି ଭଦ୍ରକ ଜିଲ୍ଲାକୁ ୧୭ଟି ଇ-ରିକ୍ସା ଆସି ପହଞ୍ଚିଛି। ଜିଲ୍ଲାର ବ୍ଲକ ଓ ପୌରାଞ୍ଚଳରେ ଥିବା ୧୭ଜଣ ଦିବ୍ୟାଙ୍ଗଙ୍କୁ ଏହି ଇ-ରିକ୍ସା ମାଗଣାରେ ପ୍ରଦାନ କରାଯିବ। ଦିବ୍ୟାଙ୍ଗମାନେ ଏହି ଇ-ରିକ୍ସାରେ ଯାତ୍ରୀ ପରିବହନ କରି ନିଜେ ରୋଜଗାରକ୍ଷମ ହେବା ଏହାର ମୂଳ ଉଦ୍ଦେଶ୍ୟ। ମହାନଦୀ କୋଲଡ୍ ଫିଲଡ୍‌ଙ୍କ ତରଫରୁ ଏହି ଇ-ରିକ୍ସାକୁ ରାଜ୍ୟ ସରକାରଙ୍କ ଜରିଆରେ ଜିଲ୍ଲାମାନଙ୍କୁ ଯୋଗାଇ ଦିଆଯାଇଛି। ସମ୍ପୃକ୍ତ ଇ-ରିକ୍ସା ଗୁଡିକରେ ଦିବ୍ୟାଙ୍ଗ ହିତାଧିକାରୀମାନଙ୍କ ନାମ ମଧ୍ୟ ଉଲ୍ଲେଖ ରହିଛି। ସରକାରଙ୍କ ତରଫରୁ ଏଥିନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜିଲ୍ଲାରେ ଏହି ଇ-ରିକ୍ସା ପାଇଁ ୪୪ଜଣ ହିତାଧିକାରୀ ଆବେଦନ କରିଥିଲେ। ହିତାଧିକାରୀ ଚୟନ ଲାଗି ଜିଲ୍ଲାସ୍ତରରେ ଜିଲ୍ଲାପାଳ ଦିଲ୍ଲିପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଏକ ଗଠନ କରାଯାଇଥିଲା। ଏଥିରେ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଆରଟିଓ ରାମନିବାସ ସିର୍‌କା, ମେମ୍ବର କନ୍‌ଭେନର ଜିଲ୍ଲା ସାମିଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଉମାକାନ୍ତ ଜେନା ପ୍ରମୁଖ ସଦସ୍ୟ ଥିଲେ। ଶାରୀରିକ ପରୀକ୍ଷା ପରେ ଆବେଦନକାରୀ ୪୪ଜଣଙ୍କ ମଧ୍ୟରୁ ୧୭ଜଣଙ୍କୁ ଯୋଗ୍ୟ ହିତାଧିକାରୀ ଭାବେ ଚୟନ କରାଯାଇଥିଲା। ଭଦ୍ରକ ବ୍ଲକରୁ ୪ଜଣ, ବାସୁଦେବପୁର ବ୍ଲକରୁ ୩ଜଣ, ଭଣ୍ଡାରିପୋଖରୀରୁ ଜଣେ, ବନ୍ତରୁ ୨ଜଣ, ଧାମନଗରରୁ ୨ଜଣ ଓ ତିହିଡିରୁ ୨ଜଣ ଦିବ୍ୟାଙ୍ଗଙ୍କୁ ଚୟନ କରାଯାଇଛି। ଏହି ଦିବ୍ୟାଙ୍ଗ ମାନଙ୍କୁ ଜିଲ୍ଲାପାଳ ଏହି ଇ-ରିକ୍ସା ଗୁଡିକୁ ବଣ୍ଟନ କରିବେ।

